୬ ▶ କ୍ରିକେଟ୍‌ପ୍ରେମୀଙ୍କ ପାଇଁ ଖରାପ ଖବର !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୧୯୩ ● ୧୦ ଅଗଷ୍ଟ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-193 ● 10th August 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୧ କୋଟି ମହିଳା ହିତାଧିକାରୀ ପାଇଲେ ସୁଭଦ୍ରା ଟଙ୍କା

# କୋରାପୁଟରେ ମୁଖ୍ୟମନ୍ତ୍ରୀ ଦେଲେ ତୃତୀୟ କିସ୍ତି

**ଜୟପୁର/ଭୁବନେଶ୍ୱର, ୯।୮**
**ନ୍ୟୁଜ୍ ବ୍ୟୁରୋ**

'ସୁଭଦ୍ରା ଯୋଜନା' ଅନେକ ମହିଳାଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି କରିବାରେ ସଫଳ ହୋଇଛି। ଏହା ସେମାନଙ୍କର ପରିବାରକୁ ଆର୍ଥିକ ଶକ୍ତି ଦେବା ସହିତ ସେମାନଙ୍କୁ ଉଦ୍ୟମୀ ମହିଳା ଭାବେ ଗଢି ତୋଳିବାରେ ବଳ ଯୋଗାଇଛି ବୋଲି ଶନିବାର କୋରାପୁଟ ଜିଲ୍ଲାର ଜୟପୁର ଠାରେ ଓଡ଼ିଶାର ସର୍ବବୃହତ ମହିଳା ସଶକ୍ତିକରଣ ଯୋଜନା 'ସୁଭଦ୍ରା'ର ତୃତୀୟ କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ, କୋରାପୁଟ ଜିଲ୍ଲାରେ ୪୫୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୪୩୬ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ୩୦୯.୪୨ କୋଟି ଟଙ୍କା ମୂଲ୍ୟର ୧୨୬ଟି ନୂତନ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ।

ଶନିବାର ମୁଖ୍ୟମନ୍ତ୍ରୀଙ୍କ କରକମଳରେ କୋରାପୁଟ ଜିଲ୍ଲାରେ ୭୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିରେ



ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡକ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଜିଲ୍ଲାର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହିତ ଖୁବ ଶୀଘ୍ର ଜୟପୁରରୁ ଭୁବନେଶ୍ୱର, ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ଜୟପୁର ସ୍ଥିତ ପେପର ମିଲ ପୁନର୍ବାର ଚାଲୁ ହେବ ଓ ଜୟପୁର ଠାରେ ଏକ ନୂତନ କଲେଜ ସ୍ଥାପନ ହେବ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଆର୍ଥିକ ଅଭାବରୁ ଯେଉଁ ମା' ମାନେ ନିଜ ସ୍ୱପ୍ନକୁ ଛାଡ଼ିବାକୁ ବାଧ ହେଉଛନ୍ତି, ସେମାନଙ୍କ ପାଇଁ ଆଶାର କିରଣ ସାଜିଛି 'ସୁଭଦ୍ରା'। ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା ଓ ଆତ୍ମନିର୍ଭର ଭାରତ ଗଢିବାରେ ସାମିଲ ହେବା। ଏହି ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ମା' ମାନେ ନିଜ ନିଜ ଛୋଟ ବଡ ବ୍ୟବସାୟ ଆରମ୍ଭ କରିପାରିଛନ୍ତି, ଆଉ କିଛି ଅଧିକ ପୁଞ୍ଜି ବିନିଯୋଗ କରି ନିଜ ନିଜର କ୍ଷୁଦ୍ର ବ୍ୟବସାୟକୁ ବୃଦ୍ଧି କରିଛନ୍ତି।ଆମ ସରକାର ନିଜର ଆନ୍ତରିକ ପ୍ରଚେଷ୍ଟାରେ କୋଟିଆ ଗ୍ରାମ ପଞ୍ଚାୟତରେ ବସବାସ କରୁଥିବା ମହିଳା ମାନଙ୍କୁ ସଫଳ ଭାବେ 'ସୁଭଦ୍ରା' ଯୋଜନା ସହ ଯୋଡି ପାରିଛନ୍ତି ।

କୋଟିଆ ଗ୍ରାମ ପଞ୍ଚାୟତରେ ମୋଟ ୨୦୭୮ଟି ଆବେଦନ ମଧ୍ୟରୁ ୧୭୯୭ ଜଣ ପ୍ରଥମ କିସ୍ତି ଓ ୧୭୯୫ ଜଣ ଦ୍ୱିତୀୟ କିସ୍ତି ଅର୍ଥ ରାଶି ପାଇଛନ୍ତି। ଶନିବାର ତୃତୀୟ କିସ୍ତି ବାବଦରେ (ପୃଷ୍ଠା ୭ରେ)

# ଋଷ-ଆମେରିକା ଆଲୋଚନାକୁ ଭାରତର ସ୍ୱାଗତ

**ନୂଆଦିଲ୍ଲୀ, ୯।୮**

ଋଷ ଓ ଆମେରିକା ମଧ୍ୟରେ ଆସନ୍ତା ୧୫ ତାରିଖରେ ଆଲାସ୍କାରେ ଏକ ବୈଠକ କରିବାକୁ ହୋଇଥିବା ସହମତିକୁ ସ୍ୱାଗତ କରିଛି ଭାରତ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ହେବାକୁ ଥିବା ଏହି ବୈଠକରେ ୟୁକ୍ରେନ ଯୁଦ୍ଧ ଶେଷ ହେବାର ରାସ୍ତା ଖୋଲିବାର ସମ୍ଭାବନା ରହିଛି ବୋଲି ଭାରତ କହିଛି ।

ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି ଏହି ଆଲୋଚନାକୁ ସ୍ୱାଗତ କରାଯାଇଛି । ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଏହି ବୈଠକ ୟୁକ୍ରେନରେ ଚାଲିଥିବା ସଂଘର୍ଷର ଅନ୍ତ ଆଣିବା ଏବଂ



ଶାନ୍ତିର ସମ୍ଭାବନା ଖୋଲିବାର ପ୍ରତିଶ୍ରୁତି ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଥର କହିଛନ୍ତି, 'ଏହା ଯୁଦ୍ଧର ଯୁଗ ନୁହେଁ'। ତେଣୁ ଭାରତ ଆଗାମୀ ଶିଖର ସମ୍ମିଳନୀ ବୈଠକକୁ ସମର୍ଥନ କରେ ଏବଂ ଏହି ପ୍ରୟାସଗୁଡ଼ିକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି। ସୂଚନାଯୋଗ୍ୟ ଯେ ଆଲାସ୍କା ହେଉଛି ଆମେରିକାର ଏକ ରାଜ୍ୟ ଓ ଏହା ଋଷର ନିକଟରେ ଅବସ୍ଥିତ ।ପୂର୍ବରୁ ଆଲାସ୍କା ରୁଷୀୟ ସାମ୍ରାଜ୍ୟର ଏକ ଅଂଶ ଥିଲା । କିନ୍ତୁ ୧୮୬୭ରେ ଋଷର ସମ୍ରାଟ ଆଲାସ୍କାକୁ ଆମେରିକାକୁ ବିକ୍ରି କରିଦେଇଥିଲେ । ଏଣୁ ୨୦୧୫ ପରେ ପ୍ରଥମ ଥର ପାଇଁ ଆମେରିକା ଯାତ୍ରା କରିବେ ପୁଟିନ ।

## ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତିର ବୀରଙ୍କୁ ଶ୍ରଦ୍ଧାଞ୍ଜଳି

# ସ୍ୱାଧୀନତାର ମୂଲ୍ୟ ଆମେ ସୁରକ୍ଷିତ ରଖିବା : ବାଚସ୍ପତି

**ଭୁବନେଶ୍ୱର, ୯।୮**
**ନ୍ୟୁଜ୍ ବ୍ୟୁରୋ**

ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ ।ଆମେ ଏକ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି । ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୧୯୪୨ ଅଗଷ୍ଟ ୮ ଓ ୯ ତାରିଖର ଇତିହାସକୁ ଅବଲୋକନ କରି ସେଦିନର ସେହି ଭାରତ ଛାଡ଼ ଆହ୍ୱାନ



ଶେଷରେ ଇଂରେଜ ସରକାରକୁ ଦେଶ ଛାଡ଼ି ଚାଲିଯିବାକୁ ବାଧ କରିଥିଲା ବୋଲି ସେ କହିଥିଲେ।

ବାଚସ୍ପତି କହିଥିଲେ ଯେ, ଇଂରେଜ ସରକାର ବିରୋଧରେ ଅଗଷ୍ଟ କ୍ରାନ୍ତିର ମହାସଂଗ୍ରାମ ଏକ ନିର୍ଣ୍ଣାୟକ ଲଢ଼େଇ ଥିଲା। ଚାଷୀ, ମୂଲିଆ, ଶ୍ରମିକ, ଅବହେଳିତ ଜାତି ଓ ଜନଜାତି, ଛାତ୍ରଗୋଷ୍ଠୀଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ସମସ୍ତେ ଏଥିରେ ସାମିଲ ହୋଇଥିଲେ। 'କର ବା ମର' ଧ୍ୱନି ସହ ଭାରତ ଛାଡ଼ ଆନ୍ଦୋଳନ ଇଂରେଜ ସରକାରକୁ ଦେଶ ଛାଡ଼ିବାକୁ (ପୃଷ୍ଠା ୭ରେ)

## ୧୩ରେ କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର, ୯।୮**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୩ରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଏହି ବୈଠକରେ ବିଭିନ୍ନ ବିଭାଗ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି।

## ରାଇଘର ପୀଡ଼ିତାଙ୍କ ମୃତ୍ୟୁ

**ରାଇଘର, ୯।୮ : ନ୍ୟୁଜ୍ ବ୍ୟୁରୋ**

ପ୍ରତାରଣାର ଶିକାର ହୋଇ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳର ନର୍ସିଂ ଛାତ୍ରୀ ଶେଷରେ ପ୍ରାଣ ହରାଇଛନ୍ତି। ୨୦ରୁ ଅଧିକ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖିବୁଜିଛନ୍ତି ପୀଡିତା। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

ସୂଚନା ଅନୁସାରେ, ଉକ୍ତ ନର୍ସିଂ ଛାତ୍ରୀଙ୍କୁ ଜଣେ ଯୁବକ ଏକତରଫା ଭଲ ପାଉଥିଲେ। ଛାତ୍ରୀ ଜଣକ ରାଜି ନ ହେବାରୁ ଯୁବକ ଜଣକ କୌଶଳକ୍ରମେ ତାଙ୍କର କିଛି ଅଶ୍ଳୀଳ ଫଟୋ ଏବଂ ଭିଡିଓ ଉତ୍ତୋଳନ କରି ଅନ୍ୟ ଜଣେ ସିକ୍ୟୁରିଟି ଗାର୍ଡ ଦ୍ୱାରା ସେସବୁ ଭାଇରାଲ କରିଦେଇଥିଲେ। ଏହା ଜଣାପଡ଼ିବା ପରେ ଗତ ଜୁଲାଇ ୧୭ ତାରିଖରେ ଛାତ୍ରୀ ଜଣକ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଛି।

# କୁନି କୁନି ପିଲାଙ୍କ ହାତରୁ ରାଖୀ ବାନ୍ଧିଲେ ମୋଦୀ

**ନୂଆଦିଲ୍ଲୀ, ୯।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ତାଙ୍କ ବାସଭବନରେ ରକ୍ଷା ବନ୍ଧନ ପାଳନ କରିଥିଲେ। ସ୍କୁଲ ପିଲାମାନେ ଏବଂ ଆଧ୍ୟାତ୍ମିକ ସଂଗଠନ ବ୍ରହ୍ମା କୁମାରୀଙ୍କ ସଦସ୍ୟମାନେ ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ଏହି ପର୍ବ ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ପାରମ୍ପରିକ ବନ୍ଧନର ଏକ ଉତ୍ସବ। ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ଶୁଭ ଅବସରରେ ଲୋକମାନଙ୍କୁ ଶୁଭକାମନା ଜଣାଇ ଏକ ବାର୍ତ୍ତା ମଧ୍ୟ ପୋଷ୍ଟ କରିଥିଲେ। (ପୃଷ୍ଠା ୭ରେ)



# ବନ୍ଦ ହୋଇଯିବ ୫୦୦ ଟଙ୍କିଆ ନୋଟ !

**ନୂଆଦିଲ୍ଲୀ, ୯।୮**

ଏଟିଏମ୍‌ରୁ ଖୁବ ଶୀଘ୍ର ୫୦୦ ଟଙ୍କିଆ ନୋଟ ବାହାରିବା ବନ୍ଦ ହୋଇଯିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଅର୍ଥ ମନ୍ତ୍ରଣାଳୟ ଏହା ଉପରେ ସ୍ପଷ୍ଟୀକରଣ ଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ସମସ୍ତ ବ୍ୟାଙ୍କକୁ ୨୦୨୫ ସେପ୍ଟେମ୍ବର ୩୦ ସୁଦ୍ଧା ଏଟିଏମ୍ ମାଧ୍ୟମରେ ୫୦୦ ଟଙ୍କିଆ ନୋଟ ବଣ୍ଟନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଏହି ଗୁଜବ ଅନୁଯାୟୀ, ଆଗାମୀ ଦିନରେ ଏଟିଏମ୍ ଗୁଡ଼ିକ କେବଳ ୧୦୦ ଓ ୨୦୦ ଟଙ୍କିଆ ନୋଟ ହିଁ ବାଣ୍ଟିବ। ଏହା ସାଧାରଣ ଜନତାଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିଛି। କିନ୍ତୁ ସରକାର ଏବଂ ଆରବିଆଇ ଏହି ଦାବିକୁ ସଂପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି।

ଛୋଟ ନୋଟ୍ ଅର୍ଥାତ୍ ୧୦୦ ଏବଂ



୨୦୦ ଟଙ୍କିଆ ଉପଲବ୍ଧତା ବୃଦ୍ଧି କରିବା ପାଇଁ, ରିଜର୍ଭ ବ୍ୟାଙ୍କ ସମସ୍ତ ବ୍ୟାଙ୍କ ଏବଂ ହ୍ୱାଇଟ୍ ଲେବଲ୍ ଏଟିଏମ୍ ଅପରେଟର ଙ୍କୁ ନିର୍ଦ୍ଦେଶ ଦେଇଛି। ସେମାନଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ଅତି କମରେ ୭୫% ଏଟିଏମ୍ ୧୦୦ କିମ୍ବା ୨୦୦ (ପୃଷ୍ଠା ୭ରେ)

# ଅପରେସନ ସିନ୍ଦୂର'ରେ ୫ ପାକିସ୍ତାନୀ ଯୁଦ୍ଧ ବିମାନ ଖସାଇଛି ଏସ-୪୦୦: ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ, ୯।୮**

ଭାରତୀୟ ବାୟୁସେନା ମୁଖ୍ୟ ଶନିବାର ଏକ ବଡ଼ ଦାବି କରିଛନ୍ତି। ଭାରତର ଏସ-୪୦୦ ମିଜାଇଲ ସିଷ୍ଟମ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ୫ଟି ଯୁଦ୍ଧ ବିମାନକୁ ଖସାଇ ଦେଇଛି ବୋଲି ବାୟୁସେନା ମୁଖ୍ୟ ଏ.ପି. ସିଂହ କହିଛନ୍ତି। ଏହା ବ୍ୟତୀତ ଗୋଟିଏ ଏୟାରବୋର୍ଣ୍ଣ ଅର୍ଲି ୱାର୍ଣ୍ଣିଂ ଆଣ୍ଡ କଣ୍ଟ୍ରୋଲ/ଇଲେକ୍ଟ୍ରୋନିକ ଇଣ୍ଟେଲିଜେନ୍ସ (ଏଇଡବ୍ଲ୍ୟୁଆଣ୍ଡସି/ଇଏଲଆଇଏନଟି) ବିମାନକୁ ବି ୩୦୦ କିମି ଦୂରରୁ ଆକାଶରେ ନଷ୍ଟ କରିଦିଆଯାଇଛି। କେବଳ ଏତିକି ନୁହେଁ ଜେକବାବାଦସ୍ଥିତ ବିମାନ ହ୍ୟାଙ୍ଗରରେ ଥିବା କିଛି ଏଫ-୧୬ ଯୁଦ୍ଧ ବିମାନ ଏବଂ ଏଇଡବ୍ଲ୍ୟୁଆଣ୍ଡସିକୁ ନଷ୍ଟ କରାଯାଇଛି।

ଏୟାର ଚିଫ ମାର୍ଶଲ ଏ.ପି. ସିଂହଙ୍କ



କହିବା ଅନୁସାରେ, ଅପରେସନ ସିନ୍ଦୂର ସମୟରେ ଭାରତ ନିଜର ବାୟୁ କ୍ଷେତ୍ରକୁ ମଜଭୂତ କରିବା ଲାଗି ଏସ-୪୦୦ର ବ୍ୟବହାର କରିଥିଲା। ଏହା ଋଷଠାରୁ କିଣାଯାଇଥିବା ଏକ ଉନ୍ନତ ଭୂପୃଷ୍ଠରୁ ବାୟୁକୁ ନିକ୍ଷେପ କରାଯାଉଥିବା ମିଜାଇଲ ସିଷ୍ଟମ। ଏହା ୪୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ।

ଅପରେସନରେ ଏସ-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅତି ଉନ୍ନତ ପ୍ରଦର୍ଶନ କରିଥିଲା ଏବଂ ୫ଟି ପାକିସ୍ତାନୀ ଯୁଦ୍ଧ ବିମାନକୁ ଆକାଶରେ ଧ୍ୱଂସ କରିଦେଇଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଗୋଟିଏ ଏଇଡବ୍ଲ୍ୟୁଆଣ୍ଡସି/ଇଏଲଆଇଏନଟି ବିମାନକୁ ୩୦୦ କିଲୋମିଟର ଦୂରରୁ ସଠିକ୍ ଭାବେ ଟାର୍ଗେଟ କରି ଖସାଇଥିଲା। ଯାହା ଏହି ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ରେଞ୍ଜ ଏବଂ ନିର୍ଭୁଲତାକୁ ଦର୍ଶାଉଛି। ଏଇଡବ୍ଲ୍ୟୁଆଣ୍ଡସି/ଇଏଲଆଇଏନଟି ବିମାନ ଶତ୍ରୁପକ୍ଷର ଗତିବିଧି ଉପରେ ନଜର ରଖିବା ଏବଂ ଆକାଶମାର୍ଗରୁ ଗୁଇନ୍ଦା ତଥ୍ୟ ସଂଗ୍ରହ କରିବାରେ ବ୍ୟବହାର କରାଯାଇଥାଏ। ସେଥିଲାଗି ଏହା ନଷ୍ଟ କରିଦିଆଯିବା ଦ୍ୱାରା ପାକିସ୍ତାନକୁ ବଡ଼ ଝଟକା ଲାଗିଥିଲା।

ସିଂହ ଦାବି କରିଛନ୍ତି ଯେ, ଜେକବାବାଦ ବିମାନଘାଟିରେ ରହିଥିବା (ପୃଷ୍ଠା ୭ରେ)

# ରାଖୀ ପୂର୍ଣ୍ଣିମାରେ ଦୁଇ ଯବାନ ଶହୀଦ

**ନୂଆଦିଲ୍ଲୀ, ୯।୮**

ଜମ୍ମୁ-କାଶ୍ମୀରର କୁଲଗାମର ଅଖଲ ଅଞ୍ଚଳରେ ୯ଦିନ ହେଲାଣି ସର୍ଚ୍ଚ ଅପରେସନ ଜାରି ରହିଛି । ଶୁକ୍ରବାର ବିଳମ୍ବିତ ରାତିରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରେ ଜଣେ ଆତଙ୍କବାଦୀ ନିପାତ ହୋଇଥିବା ବେଳେ ଆତଙ୍କବାଦୀଙ୍କ ଗୁଳିବର୍ଷାରେ ୨ଜଣ ଯବାନ ଶହୀଦ ହୋଇଛନ୍ତି । ସାରା ଦେଶରେ ରକ୍ଷା ବନ୍ଧନ ଉତ୍ସବ ପାଳନ ବେଳେ ଏହି ଦୁଃଖଦ ଘଟଣା ଘଟିଛି । ଏହାସହିତ ୧୦ଜଣ ଯବାନ ଆହତ ହୋଇଥିବା ସୂଚନା ମିଳିଛି । ରିପୋର୍ଟ ଅନୁସାରେ ଅପରେସନ ଅଖଲ ବେଳେ ସେନା ଅନେକ ଆତଙ୍କବାଦୀଙ୍କୁ ନିପାତ କରିଛି । ଆତଙ୍କବାଦୀଙ୍କ ଗୁଳିରେ ଶହୀଦ ହୋଇଥିବା ଯବାନଙ୍କ ନାମ ପ୍ରୀତପାଲ ସିଂହ ଏବଂ ସିପାହୀ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସବୁତକ ବର୍ଷା ରାଜଧାନୀରେ
ଗାଁ ଗହଳିରେ ଯେ ନାହିଁ
ବିଲ ଫାଟି ସବୁ ଆଁ ହେଲାଣି
ଚାଷୀ କାନ୍ଦେ କଇଁକଇଁ
ବିପଦୁ ଉଦ୍ଧାର ବ୍ୟବସ୍ଥା କାଇଁ
ମଫସଲକୁ ମେଘ ପାଣିଦେଇ
ରକ୍ଷାକର ତୁମେ ସାଇଁ।

# ୧୪ ପର୍ଯ୍ୟନ୍ତ ଚାଲିବ ଅପରେସନ 'ଗରୁଡ଼' ଅଭିଯାନ



**ଭୁବନେଶ୍ୱର, ୯।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ୧ ତାରିଖରୁ ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ଏସପିଙ୍କ ନେତୃତ୍ୱରେ ଅପେରସନ'ଗରୁଡ଼' ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଚଳିତ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ଅପରାଧ ଏବଂ ଅପରାଧୀଙ୍କ ଉପରେ ରୋକ ଲଗାଇବାକୁ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅପରେସନର ପ୍ରଥମ ସପ୍ତାହରେ ସମସ୍ତ ଜିଲ୍ଲାର ଏସପି ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । (ପୃଷ୍ଠା ୭ରେ)

# ୧୩ରେ ବଙ୍ଗୋପସାଗରରେ ଲଘୁଚାପ

**ଭୁବନେଶ୍ୱର, ୯।୮**
**ନ୍ୟୁଜ୍ ବ୍ୟୁରୋ**

ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳ ଏବଂ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗର ଉପରେ ଏବେ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ଦକ୍ଷିଣ-ପଶ୍ଚିମ ଆଡ଼କୁ ଢଳି ରହିଛି। ଏହାର ପ୍ରଭାବରେ ଆସନ୍ତା ୧୩ ତାରିଖ ଆଡ଼କୁ ଉତ୍ତରପଶ୍ଚିମ ଓ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ଆସନ୍ତା ୧୩ ତାରିଖ ଆଡ଼କୁ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଭଲ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ମୁତାବକ, ରବିବାର ଜଗତସିଂହପୁର, ଖୋର୍ଦ୍ଧା, କଟକ, ଗଞ୍ଜାମ,



ଗଜପତି, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର କିଛି କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପବନ ଜୋରରେ ବହିବା ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏଥିସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ରବିବାର ରାଜଧାନୀ ଭୁବନେଶ୍ୱରର ପାଗ ଆଂଶିକ ମେଘୁଆ ରହିବ। ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୬ ଡିଗ୍ରୀ ମଧ୍ୟରେ ରହିବ।

## ମେଗା ଲିଫ୍ଟ କେନାଲରେ ଭାସିଯାଇ ଯୁବକ ମୃତ

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ମେଗା ଲିଫ୍ଟ କେନାଲରେ ଭାସି ମୃତ୍ୟୁବରଣ କଲେ ଜଣେ ଯୁବକ। ଲିଫ୍ଟ କେନାଲରେ ଭାସିଯାଇ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ହୀରାପୁର ଗ୍ରାମପଞ୍ଚାୟତ ତୋଟାପଡା ଗାଁର ବୁଟୁ ଯାନୀ (୪୫)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବୁଟୁ ଯାନୀ ପାବଲୀ ଗାଁକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିବାରୁ ସେ ଶବ ସଂସ୍କାରରେ ଯୋଗ ଦେବାକୁ ଆସିଥିଲେ। ସନ୍ଧ୍ୟାରେ ଫେରିବା ବାଟରେ ସୁନାମାଲ ନିକଟ ମେଗା ଲିଫ୍ଟ କେନାଲରେ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। କେନାଲ ହୁଡ଼ାରେ ତାଙ୍କର ଚପଲ ଓ ଗାମୁଛା ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କର ମୃତଦେହକୁ ଜୟପାଟଣା ଅଗ୍ନିଶମ ବିଭାଗର କର୍ମଚାରୀ, ଓଆଇସି ଭରତ କରକରା, ଗୁଲୁ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀ ଚାଉଳ ଡଙ୍ଗର କେନାଲ ପାଖରୁ ଉଦ୍ଧାର କରିଥିଲେ।

## ୧୬ରେ ଦାବି ହାସଲ ପାଇଁ ଆନ୍ଦୋଳନ କରିବେ ଶିକ୍ଷକ ସଂଗଠନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଆସନ୍ତା ୧୬ ତାରିଖରେ ରାଜଧାନୀର ଗାନ୍ଧୀମାର୍ଗ କମ୍ପିବ। ଦାବି ହାସଲ ପାଇଁ ଆନ୍ଦୋଳନ କରିବେ ବହୁ ଶିକ୍ଷକ ସଂଗଠନ। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ବୈଠକ ଡକାଯାଇଥିଲା। ସେହିପରି ଅଗଷ୍ଟ ୧୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିକାରୀଙ୍କ ସହ କେତେକ ଶିକ୍ଷକ ସଂଗଠନର ପ୍ରତିନିଧିଙ୍କ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ, ଅଗଷ୍ଟ ୧୬ରେ ୪୮୮ବର୍ଗ ସମନ୍ୱୟ ସମିତି ପକ୍ଷରୁ ଆନ୍ଦୋଳନ କରାଯିବ। ଶିକ୍ଷକ-ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ପୁରୁଣା ପେନସନ, ପଦୋନ୍ନତି ସହିତ ଚାକିରି ସର୍ତ୍ତାବଳୀ ଭଳି ଦାବି ପୂରଣ ଦିଗରେ ସରକାରଙ୍କ ନିରବତା ପ୍ରତିବାଦରେ ଏହି ଆନ୍ଦୋଳନ ହେବ। ସେହିପରି ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ଦାବିରେ ୧୬ ତାରିଖରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାସହ ପେନସନ ଓ ଚାକିରି ସର୍ତ୍ତାବଳୀ ଦାବିରେ ୧୬ରେ ଆନ୍ଦୋଳନ କରିବ ୬୬୨ ବର୍ଗ କଲେଜ ସଂଘ। ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅଗଷ୍ଟ ୧୬ ତାରିଖରେ ଭୁବନେଶ୍ୱରରେ ବିଶାଳ ସମାବେଶ ହେବାର କାର୍ଯ୍ୟକ୍ରମ ରହିଛି। ଏହାବାଦ୍ ଆହୁରି କିଛି ଶିକ୍ଷକ ସଂଗଠନ ୧୬ ତାରିଖରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ବୈଠକ ସୋମବାର ବସିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ଇସ୍ପାତ ଏବଂ ଖଣି ବିଭାଗର ସମ୍ମିଳନୀ କକ୍ଷରେ ଏହି ବୈଠକ ବସିବ ବୋଲି ଜଣାପଡ଼ିଛି। ବୈଠକରେ ବିଭିନ୍ନ ଶିକ୍ଷକ ସଂଗଠନର ଦାବିଗୁଡ଼ିକ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ନିର୍ମାଣର ୬ ମାସ ନ ପୂରୁଣୁ ଦବିଗଲା ପୋଲ : ଗମନାଗମନ ଠପ୍

ଫୁଲବାଣୀ: ନିର୍ମାଣର ୬ ମାସ ବିତିଲାନି। ଦବିଗଲା ପୋଲ। ପୋଲ ଉପରେ ସୃଷ୍ଟି ହୋଇଛି ବିରାଟ ଗର୍ତ୍ତ। ଯାହାଫଳରେ ପୋଲ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। କନ୍ଧମାନ ଜିଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ପୋଲ ଅବସ୍ଥା ଏପରି ହୋଇଥିବା ଜଣାପଡ଼ିଛି।



ସୂଚନା ଅନୁସାରେ, ସଲାଗୁଡ଼ା ପଞ୍ଚାୟତରେ ଥିବା ପର୍ଯ୍ୟଟନସ୍ଥଳୀ କାଟ୍ରାମଲାକୁ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ କିଛିଦିନ ତଳେ ଏକ ପକ୍କା ରାସ୍ତା ନିର୍ମାଣ ସହ ଏହାର ଉନ୍ନତିକରଣ କରାଯାଇଥିଲା। ନିର୍ମାଣ କାମ ଗତ ତା ୦୯/୧୨/୨୦୨୨ରେ ଆରମ୍ଭ ହୋଇ ତା୦୫/୦୨/୨୦୨୩ ମଧ୍ୟରେ ଶେଷ ହେବା ପାଇଁ ସୂଚନା ଫଳକରେ ଲେଖା ଯାଇଥିଲା। କିନ୍ତୁ ବିଭାଗୀୟ ଅବହେଳା ପାଇଁ କାମଟି ବହୁ ବିଳମ୍ବରେ ଅର୍ଥାତ ଗତ ୬ମାସ ତଳେ ସମ୍ପୂର୍ଣ୍ଣ ହୋଇ ଥିଲା। ସେତେବେଳେ ଏହି ରାସ୍ତା କାମକୁ ଶୀଘ୍ର ସାରିବା ପାଇଁ ବିଭିନ୍ନ ମହଲରୁ ବହୁ ଅଭିଯୋଗ ମଧ ହୋଇଥିଲା। ତେବେ ମୁଣ୍ଡାସାହିଠାରୁ କାଟ୍ରାମାଲାକୁ ସଂଯୋଗ କରୁଥିବା ଏହି ରାସ୍ତା କାମ ସରିବାର ୬ ମାସ ନ ପୂରୁଣୁ ଲକ୍ଷାଧିକ ଟଙ୍କା ବ୍ୟୟରେ ରାସ୍ତା ମଝିରେ ନିର୍ମାଣ କରାଯାଇଥିବା ପୋଲର ଛାତ ଦବି ଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପୋଲର ଦବି ଯାଇଥିବାରୁ ଏହି ରାସ୍ତା ଉପରେ ଗମନାଗମନ ଠପ୍ ହୋଇ ଯାଇଛି। କାଟ୍ରାମାଲା ଜଳପ୍ରପାତକୁ ଯିବା ପାଇଁ ପର୍ଯ୍ୟଟକମାନେ ବହୁ ଅସୁବିଧାର ଆମ୍ମୁଖୀନ ହେଉଛନ୍ତି। ସେପଟେ ବିଭାଗୀୟ ଯନ୍ତ୍ରୀ, ଅଧିକାରୀ ଓ ଠିକାଦାରଙ୍କ ପ୍ରିୟାପ୍ରୀତି ପୋଷଣ ପାଇଁ କାମଟି ଅତି ନିମ୍ନମାନର ହୋଇ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଏସଡ଼ିଓ ସୁଶୀଲ କୁମାର ମହାନ୍ତିଙ୍କୁ ପଚାରିବାରୁ କହିଥିଲେ, କିଛି ଅସୁବିଧା ନାହିଁ। ୫ବର୍ଷ ଯାଏ ରକ୍ଷଣା ବେକ୍ଷଣ ସୁବିଧା ରହିଛି। ପୁଣିଥରେ ମରାମତି ହେଲେ ଠିକ ହୋଇଯିବ।

## ସୋନପୁରରେ ୩୫ ଅଭିଯୋଗର ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୩୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୮ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୭ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୨ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିରରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ଭଙ୍ଗାଦଦରା ଅବସ୍ଥାରେ ଓପନ ଜିମ୍ : ସନ୍ଧ୍ୟାରେ ଜମୁଛି ମଦ୍ୟପଙ୍କ ଆସର

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ ପରିସରରେ ନିର୍ମିତ ଓପନ ଜିମର ଉପକରଣ ବର୍ତ୍ତମାନ ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଛି। ଏଥି ପ୍ରତି କାହାରି ନଜର ନ ଥିବାବେଳେ ଏଠାକୁ ସମୟ ଅତିବାହିତ କରିବାକୁ ଆସୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ରକ୍ଷଣା ବେକ୍ଷଣ ଉପକରଣଗୁଡ଼ିକ ନଷ୍ଟ ହୋଇଯାଇଛି।

ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିଲା। ପ୍ରାତଃ ଏବଂ ସାନ୍ଧ୍ୟ ଭ୍ରମଣ କରିବାକୁ ଆସୁଥିବା ଲୋକମାନେ ଏହାକୁ ବ୍ୟାୟାମ ପାଇଁ ବ୍ୟବହାର କରୁଥିଲେ। ଜିମ୍ ନିର୍ମାଣ ସମୟରେ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। କିନ୍ତୁ ସମୟ ଅନୁସାରେ ରକ୍ଷଣାବେକ୍ଷଣ ନ ହେବାରୁ ସେଗୁଡ଼ିକ ଅତି ଦୟନୀୟ ଅବସ୍ଥାରେ ପଡ଼ିରହିଛି। ଏହାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି।

ଅନ୍ୟପଟେ ସନ୍ଧ୍ୟାରେ ମଦ୍ୟପ ଓ ଅସାମାଜିକଙ୍କ ଭିଡ଼ ଜମିବାରେ ଲାଗିଛି। ଷ୍ଟାଡିଅମ ପରିସରରେ ବିଭିନ୍ନ ସ୍ଥାନରେ ମଦ ବୋତଲ ପଡ଼ିଥିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆସର ଜମୁଛି। ଫଳରେ ବୁଦ୍ଧିଜୀବୀ ଏବଂ ଯୁବପିଢ଼ି ଏଠାକୁ ଆସିବାକୁ ଇଚ୍ଛା କରୁନାହାନ୍ତି। ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଡିସେମ୍ବରରେ ସରିବ ମା’ କଟକଚଣ୍ଡୀ ମନ୍ଦିର ରୂପାନ୍ତରଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ମା’ କଟକଚଣ୍ଡୀଙ୍କ ମନ୍ଦିରର ନୂଆ ରୂପ ଦିଆଯାଉଛି। ପ୍ରାୟ ୨ଏକର ୨୦ ଡେସିମିଲ ଜମିରେ ଚାଲିଥିବା ମା’ଙ୍କ ମନ୍ଦିର ଓ ବେଢ଼ାର ନିର୍ମାଣ କାର୍ଯ୍ୟ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ସରିବ ବୋଲି ଆଶା ରଖାଯାଇଛି। ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଓ ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ତୋଳା କାର୍ଯ୍ୟ ଚାଲିଛି।

ମା’ଙ୍କ ମୁଖ୍ୟ ଦେଉଳକୁ ଭାଙ୍ଗି ନୂଆ ଦେଉଳ ଗଢ଼ା ହେଉଛି। ପ୍ରାୟ ୬କୋଟି ଟଙ୍କା ବ୍ୟୟରେ ୪୪ଫୁଟ୍ ଉଚ୍ଚର ମା’ଙ୍କ ମନ୍ଦିର, ୩୩ଫୁଟ୍ ଉଚ୍ଚର ଜଗମୋହନ ନିର୍ମାଣ କରାଯିବ। ଭୁବନେଶ୍ୱରର ପ୍ରସ୍ତର ଶିଳ୍ପୀ ଶଶାଙ୍କ ଶେଖର ନାୟକ ମନ୍ଦିର ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି। ନୟାଗଡ଼, ଶୁଖୁଆପଡ଼ା, ପୁରୀ ଅଞ୍ଚଳର ୩୦ ପ୍ରସ୍ତର ଶିଳ୍ପୀଙ୍କୁ ନେଇ ମନ୍ଦିର ଗଢ଼ା ଯାଉଛି। ଖୋଣ୍ଡାଲାଇଟ୍ ପଥରରେ ମା’ଙ୍କ ମନ୍ଦିର ନିର୍ମାଣ ହେଉଛି। ଆସନ୍ତା ସେପ୍ଟେମ୍ବର ୧୦ ସୁଦ୍ଧା ମା’ଙ୍କ ଦେଉଳ ୧୦ଫୁଟ୍ ଉଚ୍ଚ ପର୍ଯ୍ୟନ୍ତ ଗଢ଼ା ସାରିବା ପାଇଁ ଯୋଜନା ରହିଛି। ଦୁର୍ଗାପୂଜା ପାଇଁ ମାସେ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ପରେ ପୁଣି ଥରେ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିବ ବୋଲି ଶ୍ରୀ ନାୟକ କହିଛନ୍ତି।

୪୦କୋଟି ବ୍ୟୟରେ ଡାଇଭର୍ସି ଫାଏଡ ସଂସ୍ଥା ମନ୍ଦିର ବେଢ଼ାର ସୌନ୍ଦର୍ଯ୍ୟକରଣ, ୪ଦିଗରେ ୪ଟି ପ୍ରବେଶପଥ ନିର୍ମାଣ, ମନ୍ଦିର ବେଢ଼ାରେ ୫ଟି ଦୋକାନ ଘରକୁ ନେଇ ମାର୍କେଟ କମ୍ପ୍ଲେକ୍ସ, ପୁଲିସ ଫାଣ୍ଡି, ବିବାହ ମଣ୍ଡପ, ମୁଣ୍ଡନ ମଣ୍ଡପ, ପୂଜକ ବ୍ଲକ, ଶିବ, ହନୁମାନ, ଲକ୍ଷ୍ମୀନାରାୟଣ, ସୂର୍ଯ୍ୟ ମନ୍ଦିର ଓ ରୋଷଶାଳା ଓ ମନ୍ଦିର ବେଢ଼ା ବାହାରେ ତିନିମହଲା ବିଶିଷ୍ଟ କୋଠାରେ ୧୮ଟି ଦୋକାନ ଘରକୁ ନେଇ ମାର୍କେଟ କମ୍ପ୍ଲେକ୍ସ, ଅଫିସ କାର୍ଯ୍ୟାଳୟ ଓ ଏକକାଳୀନ୫୦ ଯାତ୍ରୀ ରହିବା ପାଇଁ ଯାତ୍ରୀ ନିବାସ କାର୍ଯ୍ୟ ହାତକୁ ନିଆଯାଇଛି।

## ବାଲେଶ୍ୱରରେ ଯୁଗ୍ମ ଜନଶୁଣାଣି : ୧୬୪ ଅଭିଯୋଗ ଉପସ୍ଥାପିତ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଓ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୪ ଜଣ ଅଭିଯୋଗକାରୀ ନିଜ ନିଜ ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଗୁଡିକ ମଧ୍ୟରୁ ୧୪୭ ଗୋଟି ବ୍ୟକ୍ତିଗତ, ୦୯ ଗୋଟି ସାମୁହିକ, ୦୮ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୧୮ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ. ପ୍ରଭାତ କୁମାର ବେହେରା, ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

## ଅନ୍ଧାରରେ ରୋଗୀ ପରିବହନ କରୁଛି ୧୦୮ ଆମ୍ବୁଲାନ୍ସ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଭଙ୍ଗା ଦଦରା ୧୦୮ ଆମ୍ବୁଲାନ୍ସ। ଅନ୍ଧାରରେ ରୋଗୀ ପରିବହନ। ଫ୍ୟାନ କିମ୍ବା ଏସି ତ ଦୂରରେ ଥାଉ। ରାତିରେ ଲାଇଟ୍ ଖଣ୍ଡେ ମଧ ଜଳୁ ନାହିଁ। ଆଉ କିଟି କିଟି ଅନ୍ଧାରରେ ରୋଗୀ ପରିବହନ କରୁଛି ୧୦୮ ଆମ୍ବୁଲାନ୍ସ। ଏ ଦୃଶ୍ୟ ଆସିଛି ମାଲକାନଗିରି ଜିଲ୍ଲାରୁ। କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ଜଣେ ଗୁରୁତର ରୋଗୀଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସମ୍ପୂର୍ଣ୍ଣ ଅନ୍ଧାର ସାଙ୍ଗକୁ ଗରମ ଗୁଳୁଗୁଳିରେ ରୋଗୀ ପରିବହନ କରି ମାଲାକାନଗିରିକୁ ଆସିଥିଲା ୧୦୮ ଆମ୍ବୁଲାନ୍ସ। ଆଉ ଏବସ୍ଥା ଏମିତିକି ଆମ୍ବୁଲାନ୍ସର ମୁଖ୍ୟ ଦ୍ୱାର ଦୌଡ଼ିରେ ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା।

## ୪୦ ଟିକିଆ ହାତୀପଲଙ୍କ ଉପଦ୍ରବ : ୪ ଘର ଓ ପାଚେରୀ ଭାଙ୍ଗିଲେ

**ପାଟଣା, ନ୍ୟୁଜ୍‌ବ୍ୟୁରୋ**



୨ ସପ୍ତାହ ହେଲା ୨ ଦଳରେ ବିଭକ୍ତ ୪୦ଟି ବଣୁଆ ହାତୀ ପାଟଣା ବନବିଭାଗକୁ ରାତ୍ରି ଅନିଦ୍ରାରେ ରଖିବାକୁ ବାଧ କରିଥିବା ବେଳେ ଜନସାଧାରଣଙ୍କୁ ଭୟଭୀତ ଓ ଚାଷୀ କୁଳଙ୍କୁ ଚିନ୍ତାରେ ପକାଇ ଦେଇଛନ୍ତି। ହାତୀପଲ ବ୍ୟାପକ ଧାନତଳି ନଷ୍ଟ କରିବା ସହ ଘର, ପାଚେରୀ ଭାଙ୍ଗିଛନ୍ତି। ୩୧ଟି ହାତୀ ଥିବା ହାତୀପଲ ଅଟେଇ ସଂରକ୍ଷିତ ଜଙ୍ଗଲରୁ ବାହାରି ଗତ ରାତିରେ ବଣ ମହୁଲଡ଼ିହା ଗ୍ରାମରେ ପଶି ୪ ଜଣଙ୍କ ଘର ଓ ପାଚେରୀ ଭାଙ୍ଗି ଦେଇଛନ୍ତି। ଦିନ ସମୟରେ ଅଟେଇରେ ଡେରା ପକାଇ ରହିଛନ୍ତି। ସେହିପରି ୯ଟି ହାତୀ ଥିବା ହାତୀପଲ ଜମୁନାପଶି, ମାଧପୁର ଜଙ୍ଗଲରେ ଦିନବେଳା ଡେରା ପକାଇ ଥିବ ବେଳେ ବନବିଭାଗ ସେମାନଙ୍କ ଉପରେ ନଜର ରଖିଛି। ବଣମହୁଲଡ଼ିହା ଗ୍ରାମରେ ଗତରାତିରେ ସାହେବ ମୁଣ୍ଡା, ଦାଶରଥି ମହାନ୍ତ ଓ ସୂର୍ଯ୍ୟ ମୁଣ୍ଡାଙ୍କ ଘର ହାତୀପଲ ଭାଙ୍ଗି ଥିବାବେଳେ ଆଉ ଜଣଙ୍କ ପାଚେରି ଭାଙ୍ଗିଛନ୍ତି। ଏହି ହାତୀପଲଙ୍କ ଉପରେ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ତଣ୍ଡୋ ବିଟ ବନରକ୍ଷୀ ଦେବଯାନୀ ମହାନ୍ତ ନଜର ରଖିଥିଲେ।

## ଜ୍ଞାନ ବିଜ୍ଞାନ ମେଳାରେ ୨୪୪ ପ୍ରକଳ୍ପ ପ୍ରଦର୍ଶିତ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହ ପରିସରରେ ଜ୍ଞାନ ବିଜ୍ଞାନ ମେଳା ସହିତ ୨୪୪ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏମ୍. ନରସିଂହ ରାଓଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିଲା। ଅବସର ପ୍ରାପ୍ତ ଶିକ୍ଷକ ବିଜୟ ଚନ୍ଦ୍ର ଦାସ (ମୁଖ୍ୟ ଅତିଥି), ପ୍ରସନ୍ନ କୁମାର ମିଶ୍ର (ସମ୍ପାଦକ), ଡି. ପଦ୍ମ ଲୋଚନ ଆଚାର୍ଯ୍ୟ (କୋଷାଧ୍ୟକ୍ଷ), ଅମୁଲ୍ୟ କୁମାର ସେନାପତି (ଗଞ୍ଜାମ ଖଣ୍ଡ ସଂଘ ଚାଳକ), ମହେନ୍ଦ୍ର କୁମାର ସେନାପତି (ଉପଦେଷ୍ଟା), ରାମଚନ୍ଦ୍ର ବାଡତ୍ୟା ପ୍ରମୁଖ ମଞ୍ଚାସୀନ ହୋଇ କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ, ପ୍ରୟୋଗ ପତ୍ର ବାଚନ, ସାଂସ୍କୃତି ଜ୍ଞାନ ପତ୍ର ବାଚନ, କଥା କଥନ, ଗଣିତ ପ୍ରୟୋଗ, ପ୍ରକଳ୍ପ, ପତ୍ର ବାଚନ, ମୂର୍ତ୍ତି କଳା, ପ୍ରଶ୍ନ ମଞ୍ଚ ରହି ପ୍ରମୁଖ ନିରୀକ୍ଷଣ କରିଥିଲେ। କାର୍ଯ୍ୟକ୍ରମ ଅୟମାରମ୍ଭ ପୂର୍ବରୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ସ୍ୱାଗତ ଭାଷଣ ଓ ପରିଚୟ ଦେଇଥିବା ବେଳେ ଅନୁଷ୍ଠାନର ବିଜ୍ଞାନ ପ୍ରମୁଖ ସଂଗୀତା ପରିଡ଼ା ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ରୂପେ ଶ୍ୟାମ ସୁନ୍ଦର ମହାପାତ୍ର, ପ୍ରମୋଦ କୁମାର ମହାରଣା, ସୁଶାନ୍ତ କୁମାର ପଲେଇ, ଦେବେନ୍ଦ୍ର କୁମାର ନାହାକ, ପି. ଭାସ୍କର, ଈଶ୍ୱର ଚନ୍ଦ୍ର ଦାସ, ଅମିତା କୁମାରୀ ଡାକୁଆ, ରୋଜାଲିନି ମହାପାତ୍ର, ବବଲୀ ବେହେରା, ପୁଷ୍ପାଞ୍ଜଳି ଘଡ଼ାଇ, ଶୁଭଙ୍କର ପୃଷ୍ଟି ଦେବେଶ ନାୟକ, ରଞ୍ଜନ କୁମାର ସାହୁ ରହିଥିଲେ। କାର୍ଯ୍ୟକ୍ରମରେ ୨୪୪ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହେବା ସହ ବର୍ତ୍ତମାନ ମୁଖ୍ୟ ଫୋକସ୍ କାର୍ଯ୍ୟକ୍ରମ ଉପରେ ନଜର ରହିଥିଲା।

## କୃଷକଙ୍କ ଜୀବନ ରେଖା ମନ୍ଦାକିନୀ ନଦୀ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ କୃଷକମାନଙ୍କ ଅନୁରୋଧ

**ରଣପୁରଗଡ଼, ନ୍ୟୁଜ୍‌ବ୍ୟୁରୋ**



କବିବର ରାଧାନାଥ ରାୟଙ୍କ ରଚିତ କାବ୍ୟ ଚିଲିକାରେ ବର୍ଣ୍ଣିତ ନଦୀ ମନ୍ଦାକିନୀ ଅମନ୍ଦ ଗାମିନୀ, କଳକଳ ନାଦ ଭାରି ଶୁଭେ। ଭିନୀର ପ୍ରାକୃତିକ ଶୋଭା ଅତୀବ ରମଣୀୟ ଥିଲା। ଯାହାକି କବିଙ୍କ ମନକୁ ଆକୃଷ୍ଟ କରିଥିଲା। ସେହି ମନ୍ଦାକିନୀ ଆଜି ଅସୁରକ୍ଷିତ। ଖଡିଆ ଗ୍ରାମ ପଞ୍ଚାୟତ ପୋଡ଼ାସାହି ପାହାଡ଼ ପାଦ ଦେଶରୁ ବାହାରି ଦର୍ପନାରାଣପୁର, ବାଉଁଶଗଡ଼, ଗୌରାଙ୍ଗପୁର, ପିମ୍ପଲ, ଲୋଧାଚୁଆ, ବ୍ରଜରାଜପୁର, ନରସିଂହପୁର ଆଦି ଗ୍ରାମ ପଞ୍ଚାୟତ ସହ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଦେଇ ମନ୍ଦାକିନୀ ନଦୀ ରାମେଶ୍ୱର ଅତିକ୍ରମ କରି ଦୟା ନଦୀରେ ମିଶିଛି। ମନ୍ଦାକିନୀ ନଦୀ ପ୍ରବାହିତ ଅଞ୍ଚଳର କୃଷକମାନଙ୍କ ଜୀବନ ରେଖା ବୋଲି ଧରାଯାଏ। କଂଗ୍ରେସ ଶାସନାଧୀନ ସମୟରେ ଅଞ୍ଚଳର କୃଷକ ମାନଙ୍କ ଦାବି ଥିଲା ମନ୍ଦାକିନୀ ନଦୀ ରାଜନଗଡ଼ଠାରେ ସାପୁଆଣି ବନ୍ଧ। ଦାବି ଅନୁସାରେ ବନ୍ଧ ବରମୁଳ ଠାରେ ହେଲା। ଯାହାକି କୃଷକ ମାନଙ୍କ କାର୍ଯ୍ୟରେ ଆସୁନାହିଁ। ଗୌରାଙ୍ଗପୁର ସରପଞ୍ଚ ପ୍ରଭାତ କୁମାର ପ୍ରଧାନ କୁହନ୍ତି ନଦୀ ଅବବାହିକା ପୋତି ହେଲାଣି। ଜଳ ସଂରକ୍ଷଣ ନାହିଁ କେନାଲ ତଳ ଜମି ଶୁଖିଲା ପଡ଼ିଛି। ବର୍ଷାର ପରିମାଣ କମ୍ ଯୋଗୁ ଶ୍ରାବଣୀର ଝର ଆଉ ନାହିଁ। ତେଣୁ ମନ୍ଦାକିନୀ ନଦୀ ଶୁଖିଲା ପଡିଛି।

ଅପର ପକ୍ଷରେ ଭୂଗର୍ଭରୁ ଜଳସ୍ତର କମି କମି ଯାଉଛି। ଭୂପୃଷ୍ଠ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ନଦେଇ ଗଭୀର ନଳକୂପ ମାଧ୍ୟମରେ ଭୁଗର୍ଭ ଜଳ ଶୋଷଣ ଚାଲିଛି। ଅବଶ୍ୟ ଭୂଗର୍ଭ ଜଳସ୍ତର ବୃଦ୍ଧି ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ମନ୍ଦାକିନୀ ନଦୀରେ କିଛି ଚେକ୍ ଡ୍ୟାମ୍ ନିର୍ମାଣ ହୋଇଥିଲା। କିନ୍ତୁ ରକ୍ଷଣା ବେକ୍ଷଣ ମରାମତି ଅଭାବରୁ ଜଳ ସଂରକ୍ଷଣ ହେଉନାହିଁ। ଉଠା ଜଳସେଚନ ପମ୍ପ ଅଛି କେଉଁଠି ନଦୀରେ ଜଳ ନାହିଁ ତ ଆଉ କେଉଁଠି ପମ୍ପ ଅଚଳ ହୋଇ ପଡ଼ିଛି। ସବୁ ବିଭାଗରେ କର୍ମଚାରୀ ଅଭାବ ଆଳ ଦେଖାଇ ଉଚ୍ଚ ଅଧିକାରୀ ନିରବ ଦ୍ରଷ୍ଟା ସାଜିଛନ୍ତି। ଜଳ ସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ମନ୍ତ୍ରୀ ଦୃଷ୍ଟି ଦେଇ କୃଷକଙ୍କ ଜୀବନ ରେଖା ମନ୍ଦକିନୀ ନଦୀ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ କୃଷକମାନେ ଅନୁରୋଧ କରିଛନ୍ତି।

## ଜିଲ୍ଲାସ୍ତରୀୟ ଏଚଆଇଭି କୁଇଜ୍ ପ୍ରତିଯୋଗିତା




**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ପୌରପାଳିକାରେ ଥିବା ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଏଚଆଇଭି ଏଡ୍‌ସ ସମ୍ପର୍କିତ ଏକ କୁଇଜ୍ ପ୍ରତିଯୋଗିତା ଓସାକ୍ସ ଅନୁଷ୍ଠିତ ହୋଇ ଯାଇଛି। ଜୁନିଅର ରେଡ୍‌କ୍ରସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରାପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରୀ ମୋତି ରାଇସେନ ହେମ୍ବ୍ରମ, ଖାଳିଆମେଣ୍ଟା ଧନେଇ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଭିଲିପ୍ସା ଦାସ ଶ୍ରେଷ୍ଠ ସ୍ଥାନ ବଜାୟ ରଖି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡକ୍ଟର ଲକ୍ଷ୍ମୀକାନ୍ତ ମହାନ୍ତ, ଏପିଡିଏଚଓ ଡଃ ନିଲମ ମହାନ୍ତି, ଜିଲ୍ଲା ରେଡ଼କ୍ରସର ଯୁଗ୍ମ ସମ୍ପାଦକ ଏଆର ଖାନ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ପ୍ରଧାନ ଶିକ୍ଷକ ଜୟପ୍ରକାଶ ରାଉତ, ଜୁନିଅର ରେଡ଼କ୍ରସ୍ ଅଫିସର ପ୍ରଶାନ୍ତ ପରିଡ଼ା, ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇ ଏଡ୍‌ସର ଭୟାବହତା, ପ୍ରତିକାର ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବୃନ୍ଦାବନ ସାହୁ ଉପସ୍ଥିତ ଅତିଥି ଓ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୩ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ଓ ଏସ୍‌ପି

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଏସ୍.ପିଙ୍କର ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୨୩ଟି ଆବେଦନ ଗ୍ରହଣ କରାଯାଇଥିଲା ଯେଉଁଥିରୁ ୧୭ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବାବେଳେ ୩ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା। ୦୫ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଗଲା। ରେଡ୍‌କ୍ରସ୍ ଅଧିନରେ ୩ ଜଣ ବ୍ୟକ୍ତିଙ୍କୁ ସମୁଦାୟ ୧୭ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## ସୁନ୍ଦରଗଡ଼ ଜିଲ୍ଲାରେ ଫାଇଲେରିଆ ନିରାକରଣ ପାଇଁ ଅଭିଯାନ

**ରାଉରକେଲା, ନ୍ୟୁଜ୍**




ଆସନ୍ତା ୧୦ ତାରିଖରୁ ବାତଜ୍ୱର (ଫାଇଲେରିଆ) ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଫାଇଲେରିଆ କିମ୍ବା ଲିମ୍ଫାଟିକ୍ ଫାଇଲେରିଆସିସ୍ (ଏଲଏଫ୍) ହେଉଛି ମଶା ଦ୍ୱାରା ସଂକ୍ରାମକ ରୋଗ ଯାହା ଫାଇଲେରିଆ ପରଜୀବୀ ଦ୍ୱାରା ହୋଇଥାଏ। ସଂକ୍ରମଣର ୫ରୁ ୧୫ ବର୍ଷ ପରେ ହିଁ ଜଣେ ବ୍ୟକ୍ତିଠାରେ ଲକ୍ଷଣ ଦେଖାଯାଏ। ଏଲଏଫ୍ ଏକ ବିକୃତ ଏବଂ ଦୁର୍ବଳ ରୋଗ। ଏହି ରୋଗ ସାମାଜିକ କଳଙ୍କ ଏବଂ ଆର୍ଥିକ ଅଭାବ ସୃଷ୍ଟି କରେ। ପ୍ରଭାବିତ ବ୍ୟକ୍ତି ଏବଂ ପରିବାର ଜଟିଳ ରୋଗର ଅବସ୍ଥା ଏବଂ କାର୍ଯ୍ୟ ଏବଂ ରୋଜଗାର ହରାଇବାର ଶିକାର ହୁଅନ୍ତି। ଏହାକୁ ରୋକିବାର ଏକମାତ୍ର ଉପାୟ ହେଉଛି ଏହାକୁ ହେବାକୁ ନ ଦେବା ସମ୍ପ୍ରଦାୟରେ ଫାଇଲେରିଆସିସ୍ ସଂକ୍ରମଣକୁ ରୋକିବା ପାଇଁ, ସରକାର ପ୍ରତିବର୍ଷ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହୁଥିବା ସମସ୍ତ ବୟସ ଗୋଷ୍ଠୀକୁ ଫାଇଲେରିଆସିସ୍ ପ୍ରତିରୋଧୀ ଔଷଧର ଗୋଟିଏ ଡୋଜ୍ ପ୍ରଦାନ କରନ୍ତି। ଏହି ବର୍ଷ, ୧୦ ଅଗଷ୍ଟ ୨୦୨୫ ରୁ ୧୯ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ, ଜିଲ୍ଲାର ୧୬ ଟି ଫାଇଲେରିଆ ପ୍ରବଣ ବ୍ଲକରେ ଫାଇଲେରିଆ ମାସ ଡ୍ରଗ୍ ଆଡମିନିଷ୍ଟ୍ରେସନ୍ କରାଯିବ। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଅଭିଯାନ ପର୍ଯ୍ୟାୟରେ ଜିଲ୍ଲାରେ ୧୬ଟି ବ୍ଲକରେ ୧୪,୫୫, ୩୯୨ ଜଣ ହିତାଧିକାରୀଙ୍କୁ ଔଷଧ ଖୁଆଇବା ସୁନିଶ୍ଚିତ କରିବା ପାଇଁ ୬,୯୯୫ ଜଣ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଘରକୁ ଘର, କାର୍ଯ୍ୟାଳୟ, ଶିଳ୍ପ କ୍ଷେତ୍ର, ଖଣିଜ କାର୍ଯ୍ୟାଳୟ ଗସ୍ତ କରିବେ। କାର୍ଯ୍ୟକ୍ରମ ତଦାରଖ କରିବା ନିମନ୍ତେ ୫୦୨ ଜଣ ସୁପରଭାଇଜର ମାନଙ୍କୁ ନିୟୋଜିତ ହୋଇଛନ୍ତି। ୮୧ ଜଣ ପଞ୍ଚାୟତ ମୋବିଲାଜର ମାନଙ୍କ ଦ୍ୱାରା ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ସହ ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ଏହାକୁ ଏକ ମିଶନ ରୂପେ ଗ୍ରହଣ କରି ଯେପରି ଭାବରେ ଜିଲ୍ଲାର ପ୍ରତ୍ୟେକ ହିତାଧିକାରୀ ଏହି ଔଷଧ ନିଶ୍ଚିତ ଭାବେ ସେବନ କରିବେ ତାହା ଅଧିକାରୀମାନେ ତଦାରଖ କରିବାକୁ ନିର୍ଦ୍ଦେଶ ରହିଛି ଓ ଏହି ଔଷଧ ସଂପୂର୍ଣ୍ଣ ନିରାପଦ ଅଟେ ଓ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ସମସ୍ତେ ଏହି ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇ ଔଷଧ ସେବନ କରିବାକୁ ବିଭାଗ ଅନୁରୋଧ କରାଯାଇଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଅଗଷ୍ଟ ୨୦୨୫ ରବିବାର





# ବ୍ରହ୍ମପୁର ସିଟି ହସ୍ପିଟାଲ୍:ସ୍ଥାନ ଅଭାବରୁ ଘଣ୍ଟା ଘଣ୍ଟା ଛିଡ଼ା ହେଉଛନ୍ତି ରୋଗୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସିଟି ହସ୍ପିଟାଲ୍ ପରିସରରେ ଥିବା ସମନ୍ୱିତ ପରୀକ୍ଷାଗାର ଅବ୍ୟବସ୍ଥା ଦେଇ ଗତି କରୁଛି । ଯାହା ରୋଗୀଙ୍କ ପାଇଁ ସମସ୍ୟା ହେଉଛି । ଆବଶ୍ୟକ ମୁତାବକ ସ୍ଥାନ ନଥିବାରୁ ଏଠାକୁ ରକ୍ତ ପରୀକ୍ଷା ନିମନ୍ତେ ଆସୁଥିବା ରୋଗୀ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଉଛନ୍ତି । ଏନେଇ ରୋଗୀମାନେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ଏହାର ସମାଧାନ ହେଉନାହିଁ । ଫଳରେ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ବ୍ରହ୍ମପୁର ସମେତ ଏହାର ଆଖପାଖ ଅଞ୍ଚଳର ରୋଗୀ ସିଟି ହସ୍ପିଟାଲ୍‌କୁ ଚିକିତ୍ସା ନିମନ୍ତେ ଆସନ୍ତି । ଡାକ୍ତର ରୋଗୀଙ୍କୁ ଚିକିତ୍ସା ପରେ ରୋଗ ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରିବାକୁ ପରାମର୍ଶ ଦେଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ସିଟି ହସ୍ପିଟାଲ୍ ପରିସରରେ ସମନ୍ୱିତ ପରୀକ୍ଷାଗାରର



ବ୍ୟବସ୍ଥା ରହିଛି । ଏହା ସହ ହସ୍ପିଟାଲ୍‌ରେ ଯେଉଁ ରକ୍ତ ପରୀକ୍ଷାର ସୁବିଧା ନାହିଁ । ଉକ୍ତ ପରୀକ୍ଷା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି । କୋଠାର ତଳ ମହଲାରେ ଘରୋଇ ସଂସ୍ଥା ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରୁଥିବା ବେଳେ ଉପ ମହଲାରେ ସମନ୍ୱିତ ପରୀକ୍ଷାଗାରରେ ରକ୍ତ ନମୁନା ସଂଗ୍ରହ କରାଯାଉଛି । ପୂର୍ବରୁ ପୃଥକ୍ ପୃଥକ୍ ସ୍ଥାନରେ ରୋଗୀମାନେ ରକ୍ତ ନମୁନା ଦେଉଥିବା ବେଳେ ଗତ କିଛି ମାସ ହେବ ଗୋଟିଏ ସ୍ଥାନରେ ରକ୍ତ ନମୁନା ସଂଗ୍ରହ ହେଉଛି । କୋଠାର ତଳ ମହଲାରେ ଉଭୟ ଘରୋଇ ସଂସ୍ଥା ଓ ସମନ୍ୱିତ ପରୀକ୍ଷାଗାରାର କର୍ମଚାରୀ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରୁଛନ୍ତି । ଗୋଟିଏ ସ୍ଥାନରେ ସମସ୍ତ ରୋଗୀ ପରୀକ୍ଷା କରିବାକୁ ଏକତ୍ରିତ ହେଉଥିବା ବେଳେ ଉକ୍ତ ସ୍ଥାନରେ ପ୍ରବଳ ଭିଡ଼ ଜମୁଛି । ପ୍ରତିଦିନ ଯେଉଁ ସଂଖ୍ୟକ ରୋଗୀ ନିଜ ରକ୍ତ ନମୁନା ଦେବା ପାଇଁ ଆସୁଛନ୍ତି । ସରକାରୀ ବ୍ୟବସ୍ଥା ଅନୁଯାୟୀ ମହିଳା, ପୁରୁଷ ଓ ବରିଷ୍ଠ ନାଗରିକ ନିମନ୍ତେ ସ୍ୱତନ୍ତ୍ର ଧାଡ଼ି ରହିବା ନିୟମ ରହିଛି । କିନ୍ତୁ ସିଟି ହସ୍ପିଟାଲ୍‌ରେ ରହିଥିବା ସମନ୍ୱିତ ପରୀକ୍ଷାଗାରରେ ଏହି ନିୟମ ଦେଖିବାକୁ ମିଳୁନାହିଁ । ଗୋଟିଏ ଧାଡ଼ିରେ ଉଭୟ ପୁରୁଷ ଓ ମହିଳା ରହୁଛନ୍ତି । ଏଭଳି କ୍ଷେତ୍ରରେ ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ସେହିପରି ବରିଷ୍ଠ ନାଗରିକଙ୍କ ନିମନ୍ତେ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା ନାହିଁ । ରକ୍ତ ନମୁନା ଦେବାକୁ ଆସିଥିବା ଅସୁସ୍ଥ ବରିଷ୍ଠ ନାଗରିକମାନେ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଉଛନ୍ତି । ଫଳରେ ଚିକିତ୍ସା ନିମନ୍ତେ ହସ୍ପିଟାଲ୍‌କୁ ଆସୁଥିବା ବରିଷ୍ଠ ନାଗରିକଙ୍କ ଦୁଃଖ ଦ୍ୱିଗୁଣିତ ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ମୟୂରଭଞ୍ଜ ଜିଲ୍ଲାରେ ଆଉ ୩୯୦ ନୂଆ ବୁଥ୍‌ର ଆବଶ୍ୟକତା ରହିଛି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ପୋଲିଙ୍ଗ ବୁଥ୍ ଗୁଡିକର ଯୁକ୍ତିଯୁକ୍ତକରଣ ତଥା ନାମ, ସ୍ଥାନ ଓ ନୂତନ ବୁଥ୍ ସୃଷ୍ଟି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ ସରକାରୀ ନିର୍ଦ୍ଦେଶନାମାନୁଯାୟୀ ଗୋଟିଏ ମତଦାନ କେନ୍ଦ୍ର ଗୋଟିଏ ଗ୍ରାମ ପଞ୍ଚାୟତ ଭିତରେ ସୀମିତ ରଖିବା ସହିତ ଜିଲ୍ଲାରେ ୧୨୦୦ରୁ ଉର୍ଦ୍ଧ୍ୱ ମତଦାତା ଥିବା ବୁଥ୍ ଗୁଡିକର ଯୁକ୍ତିଯୁକ୍ତକରଣ କରି ଆବଶ୍ୟକ ସ୍ଥଳେ ନୂତନ ବୁଥ୍ ସୃଷ୍ଟି କରିବା ପାଇଁ ଯେଉଁ ନିର୍ଦ୍ଦେଶ ଆସିଥିଲା ସେହି ଆଧାରରେ ଜିଲ୍ଲାର ୯ଟି ନିର୍ବାଚନ ମଣ୍ଡଳୀର ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ମାନଙ୍କ ଜରିଆରେ ମତଦାନ କେନ୍ଦ୍ରର ମତଦାତାଙ୍କ ସଂଖ୍ୟା ମୂଲ୍ୟାୟନ କରିବା ପରେ ଜିଲ୍ଲାରେ ପୂର୍ବରୁ ମୋଟ ୨୩୭୨ ଗୋଟି ମତଦାନ କେନ୍ଦ୍ର ଥିବାବେଳେ ବର୍ତ୍ତମାନ ଜିଲ୍ଲାର ମତଦାତାଙ୍କ ସଂଖ୍ୟା ଅନୁସାରେ ଆଉ ୩୯୦ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ଜଣାପଡିଛି ଏବଂ ଏହା ଫଳରେ ମୋଟ୍ ମତଦାନ କେନ୍ଦ୍ରର ସଂଖ୍ୟା ବୃଦ୍ଧି ପାଇ ୨୭୨୫ ହେବ ବୋଲି କହିଥିଲେ । ନୂତନ ଭାବେ ସୃଷ୍ଟି ହେବାକୁ ଥିବା ୩୯୦ଟି କେନ୍ଦ୍ର ମଧ୍ୟରୁ ୨୧୯ଟି କେନ୍ଦ୍ର ବିଦ୍ୟମାନ ସ୍ଥାନରେ ସୃଷ୍ଟି ହେବାକୁ ଥିବାବେଳେ ୧୩୪ଟି ମତଦାନ କେନ୍ଦ୍ର ନୂତନ ସ୍ଥାନରେ ସୃଷ୍ଟି ହେବା ନେଇ ପ୍ରସ୍ତାବ ରହିଛି ବୋଲି କହିଥିଲେ । ଉକ୍ତ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯିବ । ଅନୁମୋଦିତ ହେଲାପରେ ଏହା ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନୁଷ୍ଠିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ପ୍ରତିନିଧି ଜିଲ୍ଲାପାଳ କ୍ରିସେନସିଆ ଟୀର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ବିଜେପି ଦଳର ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ କୁମାର ପାତ୍ର, ଇଣ୍ଡିଆନ ନ୍ୟାସନାଲ କଂଗ୍ରେସ ଦଳରୁ ଅଶୋକ କୁମାର ଗିରି ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଚାଲିଗଲା ଆଉ ଜଣେ ଯୁବତୀଙ୍କ ଜୀବନ:ଘର ଫ୍ୟାନ୍‌ରେ ଝୁଲିପଡ଼ିଲେ

**କଟକ, ନ୍ୟୁଜ୍ ବ୍ୟୁରୋ**

ପୁଣି ଜଣେ ଯୁବତୀଙ୍କ ମୃତଦେହ ଠାବ । କଟକ ଜିଲ୍ଲା ଚାଉଳିଆଗଞ୍ଜ ଥାନା ନଦୀକୂଳ ସାହିରୁ ଯୁବତୀଙ୍କ ମୃତଦେହ ଠାବ ହୋଇଛି । ବର୍ତ୍ତମାନ ଯାଏଁ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ଖବର ଅନୁଯାୟୀ, ଗୁରୁବାର ଦିନ କଟକ ସହର ଚାଉଳିଆଗଞ୍ଜ ଥାନା ନଦୀକୂଳ ସାହିରୁ ଜଣେ ଯୁବତୀଙ୍କ ମୃତଦେହ ଠାବ ହୋଇଛି । ଯୁବତୀଙ୍କ ଜଣଙ୍କର ଘର ଭିତରେ ଲାଗିଥିବା ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକ ଏହା ଦେଖି ତୁରନ୍ତ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ସ୍ଥାନୀୟ ପୋଲିସ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏହାସହ ଘଟଣାର ଛାନ୍‌ଭିନ୍ ଜାରି ରହିଛି । ସେପଟେ ଯୁବତୀଙ୍କ ଆତ୍ମହତ୍ୟା ପରେ ଏକ ଘଟଣା ସାମ୍ନାକୁ ଆସିଛି । କୁଆଡେ ଆତ୍ମହତ୍ୟା କରିଥିବା ଯୁବତୀଙ୍କର କିଛି ମାସ ତଳେ ଏକ ଭିଡ଼ିଓ ଭାଇରାଲ୍ ହୋଇଥିଲା । ବର୍ତ୍ତମାନ ଭାଇରାଲ୍ ଘଟଣାର ତଦନ୍ତ ଚାଲିଛି । ବ୍ଲାକ୍‌ମେଲିଂ ଲାଗି ଯୁବତୀ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ମୃତ ଯୁବତୀଙ୍କ ମୋବାଇଲ୍ ଜବତ କରି ଅନୁସନ୍ଧାନ କରୁଛି ଚାଉଳିଆଗଞ୍ଜ ଥାନା ପୋଲିସ ।



# ୨୫ ବର୍ଷର କାମକୁ ୨୫ ମିନିଟ୍‌ରେ କଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍ ଜିଲ୍ଲାର ବିଭିନ୍ନ କାର୍ଯ୍ୟକୁ ଗୁରୁତର ସହ ଦେଖୁଥିବା ବେଳେ ଜଣେ ଜନ୍ମରୁ ଭିନ୍ନକ୍ଷମ ଥିବା ବ୍ୟକ୍ତିଙ୍କର ଦୀର୍ଘ ୨୫ ବର୍ଷ ହେଲା ରାସନ୍ କାର୍ଡ ହୋଇପାରୁନଥିବା ଦୁଃଖ ପ୍ରକାଶ କରି ୨୫ ମିନିଟ୍‌ରେ କାର୍ଯ୍ୟ କରିଥିଲେ । ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ (ଦୁତିଆଳ) ପୁରୁଷୋତମପୁର ଗ୍ରାମର ପ୍ରସନ୍ନ କୁମାର କରଙ୍କ ପୁଅ ରାଜ କୀଶୋରଙ୍କ ଜନ୍ମରୁ ସଂପୂର୍ଣ୍ଣ ଭିନ୍ନକ୍ଷମ । ତାଙ୍କର ହାତ ଗୋଡ ଏବଂ ଆଖି କାମ କରୁନଥିବାରୁ ସେ ଆଧାର କାର୍ଡ କିମ୍ବା ଭୋଟର କାର୍ଡ ମଧ୍ୟ ନଥିବାରୁ ତାଙ୍କର ରସନ କାର୍ଡ ହୋଇପାରୁନଥିବାରୁ ସେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଜନ ଅଭିଯୋଗ ଶୁଣାଣିରେ ଗୁହାରୀ କରୁଥିବା ବେଳେ ଜିଲ୍ଲାପାଳ ରଘୁରାମ ଆର ଆୟାର ଉଠି ଆସି ତାଙ୍କୁ ତୁରନ୍ତ ରାସାନ କାର୍ଡ ପ୍ରଦାନ କରିବା ପାଇଁ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ (ଏସଏସଓ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଭିନ୍ନକ୍ଷମଙ୍କର ବାଇପାସ୍ କରାଇ ରାସନ୍ କାର୍ଡ କରି ତାଙ୍କୁ ପ୍ରଦାନ କରାଯାଇଥିବାରୁ ତାଙ୍କ ପରିବାର ଓ ତାଙ୍କ ଗ୍ରାମରେ ଜିଲ୍ଲାପାଳଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ପୁରସ୍କୃତ

**କଟକ, ନ୍ୟୁଜ୍ ବ୍ୟୁରୋ**

ସ୍ତନ୍ୟପାନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାଆ କ୍ଷୀର ସଂଗ୍ରହ କରି ଏହାର ସଂରକ୍ଷଣ ଓ ଉଚିତ୍ ବ୍ୟବହାର କରିବା ଦିଗରେ ସଫଳତା ହାସଲ କରିଥିବାରୁ କଟକ ଏସ୍‌ସିବି ମେଡିକାଲ୍ କଲେଜ୍ ହସ୍ପିଟାଲ୍‌ର ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ରକୁ ପୁରସ୍କୃତ କରାଯାଇଛି । ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୫ ଉପଲକ୍ଷେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଠାରୁ ଏସ୍‌ସିବି ମେଡିକାଲ୍ କଲେଜ୍ ହସ୍ପିଟାଲ୍ ଶିଶୁରୋଗ ବିଭାଗର ପ୍ରଫେସର ଡାକ୍ତର ସ୍ୱରୂପା ପଣ୍ଡା, ହସ୍ପିଟାଲ୍ ମ୍ୟାନେଜର ଦେବାଶିଷ ପାତ୍ର ଓ ସିଏଲ୍‌ଏମ୍‌ସିର ନର୍ସିଂ ଇନ୍‌ଚାର୍ଜ ସୋଚନା ମଣ୍ଡଳ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଦେଶବ୍ୟାପୀ ମାଆ ଓ ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ସ୍ତନ୍ୟପାନ ଅଭ୍ୟାସର ଗୁରୁତ୍ୱକୁ



ଲୋକମାନଙ୍କୁ ଜଣାଇବା ତଥା ସ୍ତନ୍ୟପାନ ଅଭ୍ୟାସକୁ ପ୍ରୋତ୍ସାହନ ଓ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ସ୍ତନ୍ୟପାନ ଯୋଗୁଁ ଶିଶୁ ମା'ର ନିକଟତର ହେବା ସହ ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିଥାଏ । ଏଥିସହ ସ୍ତନ୍ୟପାନ ଦ୍ୱାରା ମହିଳାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସ୍ତନ ଓ ଡିମ୍ବାଶୟ କର୍କଟ ଭଳି ଭୟଙ୍କର ରୋଗକୁ ମଧ୍ୟ ବହୁ ମାତ୍ରାରେ ଏଡାଇ ଦିଆଯାଇପାରିଥାଏ । କଟକ ଏସ୍‌ସିବି ମେଡିକାଲ୍ କଲେଜ ହସ୍ପିଟାଲ୍ ପରିସରରେ ୨୦୨୩ ଅଗଷ୍ଟ ୪ ତାରିଖ ଠାରୁ ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର କାର୍ଯ୍ୟ କରୁଛି । ପ୍ରତିଦିନ ପ୍ରାୟ ୩ ଲିଟର ଦୁଗ୍ଧ ସଂଗ୍ରହ କରାଯାଇ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ବିଭାଗ ତଥା ସିଜରିଆନ୍ ମାଆମାନଙ୍କ ଶିଶୁମାନଙ୍କୁ ପ୍ରଦାନ କରାଯାଉଛି ।

# ଅଗଷ୍ଟ ୧୪ରୁ କଂଗ୍ରେସର 'ନାରୀ ନ୍ୟାୟ ପଦଯାତ୍ରା'

**ବାଲେଶ୍ୱର, ନ୍ୟୁଜ୍**

ଅଗଷ୍ଟ ୧୪ ତାରିଖରେ ପ୍ରସ୍ତାବିତ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନାରୀ ନ୍ୟାୟ ପଦଯାତ୍ରା ଓ ସାଧାରଣ ସଭା ଉପଲକ୍ଷେ ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଷ୍ଟେସନ୍ ଛକ, ଫକୀର ମୋହନ କଲେଜ, ସିନେମା ଛକ ଦେଇ ପୁରୁଣା ଷ୍ଟାଡିଅମ୍‌ରେ ସମାପ୍ତ ହୋଇ ଏକ ସାଧାରଣ ସଭା ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ବହୁ ନେତୃବୃନ୍ଦ ଯୋଗଦେବେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସ ସଂଯୋଜକ ସଂଜୀବ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି କମିଟି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସତ୍ୟଶିବ ଦାସ, ହିମାଂଶୁ ବେହେରା, ସରୋଜ ଲେଙ୍କା, ସତ୍ୟ ଦାସ, ପଦ୍ମଲୋଚନ ଲେଙ୍କା, ସୁଧାଂଶୁ ଜେନା, ରଞ୍ଜନ ଦାସ, ଗୌତମ ସାହୁ, ଗିରିଜା ଦାସ, ହରିଶଙ୍କର ଜେନା, ଜୟକୃଷ୍ଣ ବେହେରା, ଜଗନ୍ନାଥ ମହାପାତ୍ର, ତରୁଣ ଦାସ, କନ ବେହେରା, ଜୁବିଲି ପଣ୍ଡା, କେଶବ ନାୟକ, ଜୀବନ ମହାପାତ୍ର, ଉପେନ୍ଦ୍ର ବେହେରା, ସତ୍ୟନାରାୟଣ ଗୁପ୍ତା, ଜ୍ୟୋତ୍ସ୍ନା ସେନାପତି, ବାସନ୍ତୀ ନାୟକ, କୁମୁଦିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍ଯ୍ୟପଲ୍ଲୀରେ କୂଳ ଲଂଘୁଛି ସମୁଦ୍ର

## ଲୀନ ହେଲା ଅସ୍ଥାୟୀ ଆଶ୍ରମ ଗୃହ ଓ ରାସ୍ତା



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜଳବାୟୁ ପରିବର୍ତନ ସହ ଦିନକୁ ଦିନ କୂଳ ଲଙ୍ଘିବାରେ ଲାଗିଛି ନିକଟସ୍ଥ ଆର୍ଯ୍ୟପଲ୍ଲୀ ସମୁଦ୍ର । ପୂର୍ବରୁ ଆର୍ଯ୍ୟପଲ୍ଲୀ ଗ୍ରାମ ସମୁଦ୍ର କୂଳଠାରୁ ୫ କି.ମି. ଦୂରରେ ରହିଥିବା ବେଳେ ବର୍ତମାନ ତାହା ୫୦ ମିଟର ଦୂରରେ ରହିଛି । ଦିନକୁ ଦିନ ସମୁଦ୍ର କୂଳକୁ ମାଡ଼ି ଆସୁଥିବା ବେଳେ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି ଏକ ଅସ୍ଥାୟୀ ବିଶ୍ରାମ ଗୃହ । ଏହା ସହ କେ. ଆର୍ଯ୍ୟପଲ୍ଲୀ ଠାରୁ ସାମୁଦ୍ରିକ ରାସ୍ତାର ଅର୍ଦ୍ଧେକ ରାସ୍ତା ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି । ପୂର୍ବରୁ ସମୁଦ୍ର କୂଳରେ ଥିବା ଛୋଟଛୋଟ ମନ୍ଦିର ସମୁଦ୍ର ଗର୍ଭରେ ବିଲୀନ ହୋଇଯାଇଥିବା ବେଳେ ଏବେ ବିଶ୍ରାମ ଗୃହ ଓ ରାସ୍ତା ସମୁଦ୍ରରେ ଲୀନ ହୋଇଯାଇଥିବାରୁ ଆର୍ଯ୍ୟପଲ୍ଲୀ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଜଳବାୟୁ ପରିବର୍ତନ ସାଙ୍ଗକୁ ସମୁଦ୍ର ଉଗ୍ର ରୂପ ଧାରଣ କରି କୂଳ ଖାଉଥିବାରୁ ଆର୍ଯ୍ୟପଲ୍ଲୀ ଗ୍ରାମ ସମୁଦ୍ରରେ ଲୀନ ହୋଇଯିବା ଭୟ ଗ୍ରାମବାସୀଙ୍କୁ ଘାରିଛି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲେ ମଧ୍ୟ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହି ଦାବି ନେଇ ପୂର୍ବରୁ ଜିଲ୍ଲାରେ ସମୁଦ୍ର କୂଳରେ ରହିଥିବା ୨୭ ଖଣ୍ଡ ମତ୍ସ୍ୟଜୀବୀ ଗ୍ରାମବାସୀ ଆନ୍ଦୋଳନ ମଧ୍ୟ କରିଥିଲେ । ହେଲେ ଏଯାବତ୍ କୌଣସି ସୁଫଳ ମିଳିପାରି ନଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ରାସ୍ତା ଓ ସେଡ୍ ସମୁଦ୍ର ଗର୍ଭରେ ଲୀନ ହୋଇଯିବା ପରେ ଯୁଦ୍ଧକାଳୀନ ଭିତିରେ ପ୍ରଥରବନ୍ଧ ନିର୍ମାଣ ଚାଲିଛି । ଏହା ପର୍ଯ୍ୟାପ୍ତ ହୋଇନଥିବା ଗ୍ରାମବାସୀ କହିଛନ୍ତି । ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ଆର୍ଯ୍ୟପଲ୍ଲୀ ଗ୍ରାମ ମାନଚିତ୍ରରୁ ଉଭେଇ ଯିବ ବୋଲି ଗ୍ରାମବାସୀ କହିଛନ୍ତି । କେବଳ ଆର୍ଯ୍ୟପଲ୍ଲୀ ନୁହେଁ ଏବେ ସମୁଦ୍ର ତଟ ଅଞ୍ଚଳ କୂଳ ଖାଇବାରେ ଲାଗିଛି । ଏହାର ବିହିତ ପଦକ୍ଷେପ ପାଇଁ ବିଧାନସଭାରେ ମଧ୍ୟ ପ୍ରଶ୍ନ କରାଯାଇଛି ।

## କେନ୍ଦୁଝର ଜିଲ୍ଲାରେ ନାବାଳକଙ୍କ ବେଆଇନ୍ ଗାଡ଼ି ଚାଳନା

# 'ସ୍କୁଲ୍ ବସ୍‌ର କାଗଜପତ୍ର ଓ ଫିଟ୍‌ନେସ୍ ଯାଞ୍ଚ କରାଯାଉ'

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସରକାର ବଦଳିବା ପରେ ରାଜ୍ୟ ସରକାର ବିଭିନ୍ନ ସ୍କୁଲ୍ କଲେଜ୍ ବସ୍ ଚଳାଚଳ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ସେତେବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ପରିବହନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଭିଭିନ୍ନ ସ୍ଥାନରେ ସ୍କୁଲ୍ ବସ୍ ଗୁଡିକର ଯାଞ୍ଚ ଓ ଚେକିଂକୁ ଜୋର୍‌ଦାର୍ କରାଯାଇଥିଲା । ଅଧିକାଂଶ ସ୍ଥାନରେ କାଗଜପତ୍ର ଯାଞ୍ଚ ପରେ ଆବଶ୍ୟକୀୟ ପ୍ରମାଣପତ୍ର ନଥିବା ସ୍କୁଲ୍ ବସ୍ ଗୁଡିକୁ ଜରିମାନା ଆଦାୟ ସହିତ ସିଜ୍ କରାଯାଇଥିଲା । ହେଲେ ଧୀରେ ଧୀରେ ଯାଞ୍ଚ ବନ୍ଦ ହେବା ସହିତ ସ୍କୁଲ୍ କଲେଜ୍ ପିଲାଙ୍କୁ ବୋହି ନେଉଥିବା ବସ୍ ଗୁଡିକ ମଧ୍ୟ ଆଇନ୍‌କୁ ଫୁ ମାରିବା ଆରମ୍ଭ କଲେ । କେନ୍ଦୁଝର ଜିଲ୍ଲାରେ ସ୍କୁଲ୍‌ପିଲାଙ୍କୁ ବୋହି ନେଉଥିବା ବସ୍ ଗୁଡିକର ଯାଞ୍ଚ କରାଯାଉନଥିବା ଯୋଗୁ ସେଥିରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ଅଧିକ ସଂଖ୍ୟକ ପିଲା ନେବାଆଣିବା କରୁଥିବା ଅଭିଭାବକ ମାନେ ଅଭିଯୋଗ କରୁଛନ୍ତି । ଏପରିକି ଅନେକ ସ୍କୁଲ୍ କଲେଜ ପିଲା ବସ୍‌ରେ ଠିଆ ହୋଇ ଯାଉଥିବା ମଧ୍ୟ ନଜରକୁ ଆସୁଛି । ସ୍କୁଲ୍ ବସ୍ ଗୁଡିକ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜନଗହଳି ପୂର୍ଣ୍ଣ ଭିଡ଼ ରାସ୍ତାରେ ମଧ୍ୟ ନିର୍ଦ୍ଧାରିତ ଗତି ଠାରୁ ଅଧିକ ଗତିରେ ଚଳାଚଳ କରୁଥିବା ଦେଖାଯାଉଛି । କେନ୍ଦୁଝର ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ ନାମରେ କେବଳ ନିର୍ଦ୍ଦିଷ୍ଟ କିଛି ଘରୋଇ ବସ୍ ଗୁଡିକୁ ଯାଞ୍ଚ କରି ଜରିମାନା ଆଦାୟ ଭିତରେ ସୀମିତ ରହିଛି । ତେବେ ସ୍କୁଲ୍ ବସ୍ ଗୁଡିକର ଯାଞ୍ଚ ହେଉନଥିବା ବେଳେ ସେମାନେ ଆବଶ୍ୟକତା ଠାରୁ ଅଧିକ ପିଲା ନେଉଥିବା, ସ୍କୁଲ୍ ପିଲାଙ୍କୁ ବସ୍ ଭିତରେ ଠିଆ କରେଇ ନେଉଥିବା, ଅନେକଙ୍କର ଫିଟ୍‌ନେସ୍ ନଥିବା, ଅନେକ ବସ୍ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ପାଳନ କରି ଚଳାଉନଥିବା ଅଭିଯୋଗ ହେଉଛି । ତେବେ କେନ୍ଦୁଝରରେ ସ୍କୁଲ୍ ବସ୍ ଗୁଡିକର ଯାଞ୍ଚ କାହା ସ୍ୱାର୍ଥରେ କରାଯାଉନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଅନେକ ସ୍କୁଲ୍ ପିଲାଙ୍କୁ ନେବା ଆଣିବା କରୁଥିବା ସ୍କୁଲ୍ ବସ୍‌ର ତ୍ରୁଟିପୂର୍ଣ୍ଣ କାଗଜପତ୍ର ସହ ଫିଟ୍‌ନେସ୍ ନଥିବା ସନ୍ଦେହ ହେଉଛି । ଛୁଆଙ୍କ ଜୀବନ ସହ ଖେଳୁଥିବା ସ୍କୁଲ୍ କର୍ତ୍ତୃପକ୍ଷଙ୍କ ସ୍କୁଲ୍ ବସ୍ ଗୁଡିକୁ ଯାଞ୍ଚ କରାଯାଉନାହିଁ ବୋଲି ଅନେକ ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି । ସେପଟେ ଅନେକ ସ୍କୁଲ୍‌ର ନାବାଳକ ଛାତ୍ରଛାତ୍ରୀମାନେ ଏବେ ମଧ୍ୟ ବିନା ହେଲ୍‌ମେଟ୍ ଓ ବିନା ଲାଇସେନ୍ସରେ ଦୁଇରୁ ଅଧିକ ପିଲା ଖୁବ୍ ଦ୍ରୁତ ଗତିରେ ନିର୍ବିଘ୍ନରେ ଗାଡି ଚଳାଇ ସ୍କୁଲ୍ କଲେଜକୁ ଯାଉଛନ୍ତି । ବିଭିନ୍ନ ସ୍ଥାନରେ ପରିବହନ କାର୍ଯ୍ୟାଳୟ ତରଫରୁ ଚେକିଂ ଜୋର୍‌ଦାର୍ ଚଳାଉଥିବା ବେଳେ କେନ୍ଦୁଝରରେ କେବେ ବୋଲି ପ୍ରଶ୍ନ ଉଠୁଛି । ଏ ବିଷୟରେ ପରିବହନ କାର୍ଯ୍ୟାଳୟ ଷ୍ଟାଫ୍‌ଙ୍କ ଅଭାବ ଯୋଗୁ ସବୁ ସମୟରେ ଯାଞ୍ଚ ହୋଇପାରୁନାହିଁ ବୋଲି କହିଛି । ଏ ବିଷୟରେ ସଜାଗ ରହି କେନ୍ଦୁଝର ପୋଲିସ ଓ ପରିବହନ ବିଭାଗ ମିଳିତ ଭାବେ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୦।୮।୨୦୨୫, ଶ୍ରାବଣ ଦି୨୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୨୫।୨୪ ଚନ୍ଦ୍ରୋଦୟ- ସଂଘ ୭।୧୧।୧୧**

**ପ୍ରତିପଦ-** ଦିଘ ୧୨।୧୦ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ଦିଘ ୧।୫୨ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-**ମେଷ, କର୍କଟ, ସିଂହ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୧୨।୧୦ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଘ ୯।୪୪ ମଧ୍ୟେ । ଦିଘ ୧।୨୮ ଗତେ ଘ ୧।୫୯ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଝୁଲଣ ଶେଷ, ଖୁଦୁରୁକୁଣୀ ଓଷା ଆରମ୍ଭ ।

**ମେଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ମାନସିକ ଶାନ୍ତି ଲାଭ କରିବେ । ମହିଳାମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ । ଧନ ଲାଭ ଯୋଗ ରହିଛି । ଘରେ ସୁଖ ଶାନ୍ତି ରହିବ ।

**ବୃଷ:** ଶରୀର ସୁସ୍ଥ ରହିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ପ୍ରତୀକ୍ଷିତ ଖବରଟି ଆପଣଙ୍କୁ ମିଳିପାରେ ।

**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନ ରହିବେ । ବେପାର ବାଣିଜ୍ୟରେ କ୍ଷତି ସହିବାକୁ ପଡ଼ିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବ ।

**କର୍କଟ:** ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟ କରିପାରନ୍ତି । ଅଟକି ରହିଥିବା କାମଟି ପୁଣିଥରେ ଆରମ୍ଭ ହୋଇପାରେ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ମନ ଭଲ ରହିବ ।

**ସିଂହ:** ଧନ ଲାଭ ହେବ । ଅନେକ ଯଶର ଅଧିକାରୀ ହେବେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

**କନ୍ୟା:** ସତ୍‌କର୍ମରେ ଲିପ୍ତ ରହିବେ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହିତ ରହିବ ।

**ତୁଳା:** ପ୍ରତ୍ୟୁଷର ଯାତ୍ରାରେ ସଫଳତା ହାସଲ କରିବେ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଘରେ ଆନନ୍ଦ ଦେଖାଦେବ ।

**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ । ଆୟର ପରିମାଣ ବଢ଼ିବ । ପରୋପକାରୀ ହେବେ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଭଲ ରହିବ ।

**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଶରୀର ସୁସ୍ଥ ରହିବ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଖୁସିର ବାତାବରଣ ରହିବ ।

**ମକର:** ଚଞ୍ଚଳମନା ହେବେ । ଶୁଭ କାର୍ଯ୍ୟରେ ଯୋଗଦେବେ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ । ଆୟ ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।

**କୁମ୍ଭ:** ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ ।

**ମୀନ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ବ୍ୟବସାୟ କ୍ଷତିରେ ଚାଲିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ ।



# ନିଶା ପ୍ରାଦୁର୍ଭାବ ଉପରେ ଅଙ୍କୁଶ ଲଗାଇବା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ପୌରାଅଞ୍ଚଳ ଅଧିନସ୍ଥ ଗୋବିନ୍ଦପାଲି ୱାର୍ଡ ନଂ ୧୫ରେ ନିଶା କାରବାର ଓ ନିଶା ସେବନ ଦିନକୁ ଦିନ ବଢିବାରେ ଲାଗିଛି । ଯାହାଫଳରେ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ପାଉଥିବା ଅଭିଯୋଗ କରି ଗୋବିନ୍ଦପାଲି ପଡାବାସୀ ମିଳିତ ଭାବେ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ଠାରେ ଦାବି କରିଛନ୍ତି । ମୁଖ୍ୟତଃ କରେକ୍ସ, ଟାବଲେଟ, ମଦ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ସେବନ କରୁଥିବା ଅଭିଯୋଗ ହୋଇଛି । ଗୋବିନ୍ଦପାଲି ସ୍କୁଲ୍ ପଛ ପଟେ, ନାଗବାଚା ମନ୍ଦିର ପଛ ପଟେ ନିଶା ସେବକମାନେ ଗୋଷ୍ଠୀ ବାନ୍ଧି ଆଡ୍ଡା ଜମାଉଥିବାରୁ ପଡାବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଛି । ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ବିଭିନ୍ନ ସମୟରେ ପୋଲିସ ପାଟ୍ରୋଲିଙ୍ଗ, ଆଡ୍ଡା ସ୍ଥଳିକୁ ଚିହ୍ନଟ, ସିସିଟିଭି ଲଗାଇବା, ସ୍ପିଡ଼ ଗାଡି ଚାଳନା ଉପରେ ଅଙ୍କୁଶ ଲଗାଇବାକୁ, ସଚେତନତା ସୃଷ୍ଟି କରିବା କିମ୍ବା ହେଲ୍ପ ଲାଇନ୍ ନମ୍ବର ଯୋଗାଇ ଦେବାକୁ ପଡାବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ସେହିପରି ଜନବହୁଳ ଗୋବିନ୍ଦପାଲିରେ ଗୋଟିଏ ପୋଲସ ଫାଣ୍ଡି ସ୍ଥାପନ କରିବାକୁ ଦାବି କରିଛନ୍ତି । ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଜାପାନ ମହାପାତ୍ର, ବୀରେନ୍ଦ୍ର ପ୍ରଧାନ, ସୁଶାନ୍ତ ଦାଶ, କାଉନ୍‌ସିଲର ଅକ୍ରୁର ବାରିକ, ସୁଜିତ ସାହୁ, ସୀତାରାମ ନାଏକ, ଗୋପାଳ ପ୍ରଧାନ, ରାଜେଶ ରଥ, ଉଗ୍ରେ ପ୍ରଧାନ, ତୋଶବନ୍ତ ସାହୁ, କେଦାର ସାହୁ, ସୁରେନ୍ଦ୍ର ସାହୁ, ସଂଜୀବ ମହାନ୍ତି, ଭବାନୀ ସାହୁ, କୁନା ବିଭାର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବଢ଼ିଛି ଦେଶର ଘରୋଇ ଉତ୍ପାଦ

ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର-ଡିସେମ୍ବର ଅବଧିରେ ଭାରତୀୟ ଅର୍ଥନୀତିର ବିକାଶ ହାର ଭଲ ରହିଛି। ଏହି ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୪ ପ୍ରତିଶତ ବଢ଼ିଛି। ବିନିର୍ମାଣ (ମାନୁଫାକ୍ଚରିଂ) ଏବଂ ଖଣି କ୍ଷେତ୍ରର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିବା କାରଣରୁ ଜିଡିପିରେ ଏଭଳି ଉନ୍ନତି ସମ୍ଭବ ହୋଇଛି। ମାନୁଫାକ୍ଚରିଂ ୧୧.୬ ପ୍ରତିଶତ, ନିର୍ମାଣ ୯.୫ ପ୍ରତିଶତ; ବାଣିଜ୍ୟ, ହୋଟେଲ ଓ ପରିବହନ ୬.୭ ପ୍ରତିଶତ, ଆର୍ଥିକ କ୍ଷେତ୍ର ସହିତ ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଛି। ତେବେ ଚିନ୍ତାର ବିଷୟ ହେଲା ସଂଖ୍ୟାଧିକ ଲୋକ କୃଷି ଉପରେ ଏବେ ବି ନିର୍ଭରଶୀଳ ଥିଲେ ମଧ୍ୟ ତୃତୀୟ ତ୍ରୟମାସରେ ଦେଶର କୃଷିକ୍ଷେତ୍ରର ଅଭିବୃଦ୍ଧି ବିଯୁକ୍ତ ୦.୮ ପ୍ରତିଶତ ଅର୍ଥାତ୍ ସଂକୁଚିତ ହୋଇଛି। ଦ୍ୱିତୀୟ ତ୍ରିମାସୀରେ କୃଷିକ୍ଷେତ୍ରର ଅଭିବୃଦ୍ଧି ୧.୬ ପ୍ରତିଶତ ରହିଥିଲା।

ସେହିଭଳି ଗତ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ କୃଷି କ୍ଷେତ୍ର ୫.୨ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। ରିପୋର୍ଟ ଉପରେ ନଜର ପକାଇଲେ ଜଣାଯାଏ ଯେ ବର୍ତ୍ତମାନ ମୂଲ୍ୟରେ ତୃତୀୟ ତ୍ରୟମାସର ଜିଡିପି ୭୫.୪୯ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୬୮.୫୮ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧିରେ ୧୦.୧ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ୨୦୧୧-୧୨ର ସ୍ଥିର ମୂଲ୍ୟରେ ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୟମାସ ଜିଡିପି ୪୩.୭୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ର ତୃତୀୟ ତ୍ରୟମାସରେ ଏହା ୪୦.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣି ଏହି ସମୟରେ ବାସ୍ତବ ଜିଡିପି ଅଭିବୃଦ୍ଧି ୮.୪ ପ୍ରତିଶତ ବଢ଼ିଥିବା ଆକଳନ ହୋଇଛି।

ଏଥିସହିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୟମାସ ପାଇଁ ମଧ୍ୟ ଜିଡିପି ସଂଖ୍ୟାରେ ସଂଶୋଧନ ଅଣାଯାଇଛି। ପୂର୍ବ ଆକଳନରେ ପ୍ରଥମ ଓ ଦ୍ୱିତୀୟ ତ୍ରୟମାସରେ ଜିଡିପି ଅଭିବୃଦ୍ଧି ଯଥାକ୍ରମେ ୭.୮ ଏବଂ ୭.୬ ପ୍ରତିଶତ ରହିଥିଲା। କିନ୍ତୁ ଆଜି ଉକ୍ତ ସଂଖ୍ୟା ଯଥାକ୍ରମେ ୮.୨ ପ୍ରତିଶତ ଏବଂ ୮.୧ ପ୍ରତିଶତ ରହିଥିବା ଦର୍ଶାଯାଇଛି। ତୃତୀୟ ତ୍ରୟମାସରେ ଅର୍ଥନୀତିର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିଲା। ତେଣୁ ରିଜର୍ଭ ବ୍ୟାଙ୍କର ପୂର୍ବାନୁମାନ ତୁଳନାରେ ଅଭିବୃଦ୍ଧି ଭଲ ରହିଛି। ଆଜି ପ୍ରକାଶିତ ଦ୍ୱିତୀୟ ଅଗ୍ରିମ ଆକଳନରେ ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତବର୍ଷ ପୂର୍ବରୁ କରାଯାଇଥିବା ପ୍ରଥମ ଅଗ୍ରିମ ଆକଳନରେ ଆର୍ଥିକବର୍ଷର ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ବର୍ତ୍ତମାନ ମୂଲ୍ୟରେ ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ ୨୯୩.୯୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୨-୨୩ ଆର୍ଥିକବର୍ଷରେ ଏହା ୨୬୯.୫୦ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧି ୯.୧ ପ୍ରତିଶତ ରହିବା ନେଇ ହିସାବ କରାଯାଇଛି। ତେବେ ୨୦୧୧-୧୨ ଆର୍ଥିକ ବର୍ଷର ସ୍ଥିର ମୂଲ୍ୟରେ ୨୦୨୩-୨୪ ଆର୍ଥିକବର୍ଷର ଜିଡିପି ୧୭୨.୯୦ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ସଂଶୋଧିତ ଆକଳନରେ ବାସ୍ତବ ଜିଡିପି ୧୬୦.୭୧ ଲକ୍ଷ କୋଟି ଟଙ୍କା ରହିବ ବୋଲି କୁହାଯାଇଛି। ତେଣୁ ଗତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୭.୬ ପ୍ରତିଶତ ରହିବା ନେଇ ଏନ୍ଏସ୍ଓ (ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଭାରତୀୟ ଅର୍ଥନୀତିର ତୃତୀୟ ତ୍ରୟମାସ ଜିଡିପି ଅଭିବୃଦ୍ଧି ରିପୋର୍ଟ ଆସିବା ପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ ମତ ରଖିଛନ୍ତି। ୮.୪ ପ୍ରତିଶତର ଜିଡିପି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ଶକ୍ତି ଓ ସାମର୍ଥ୍ୟକୁ ଦର୍ଶାଉଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସପାଇଁ ଆମର ପ୍ରଚେଷ୍ଟା ଜାରି ରହିବ, ଯେପରିକି ୧୪୦ କୋଟି ଭାରତୀୟ ଉତ୍ତମ ଜୀବନ ଜିଇଁ ପାରିବେ ଏବଂ ଏକ ବିକଶିତ ଭାରତ ତିଆରି ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଓଡ଼ିଆ ଭାଗବତ କେବଳ ଧର୍ମ ଗ୍ରନ୍ଥ ନୁହଁ, ଏହା ଅଲୌକିକ ଧାରା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭାଗବତୀ ସାହିତ୍ୟ ସଂସଦ
ମୋ-୯୪୩୮୦୯୦୬୭୦

ଭାଗବତ ପଦାବଳୀ ଆବୃତ୍ତି କରି ଓଡ଼ିଆ ଜାତିର ପ୍ରାଣବାୟୁ ତୃପ୍ତ ହୋଇଥାଏ । ଭାଗବତ (ସଂସ୍କୃତ) ଐକାନ୍ତିକ ଶୁଦ୍ଧାଭକ୍ତି ଧର୍ମର ଶାସ୍ତ୍ର ହୋଇଥିବାରୁ ଯେଉଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ମଧ୍ୟ ଶୁଦ୍ଧ ଭକ୍ତିଭାବ ପରିବେଶରେ ଜ୍ଞାନମିଶ୍ରା ଭକ୍ତିଧର୍ମ ଓ ଶୂନ୍ୟ ସାଧନା ପ୍ରକଟିତ ହୋଇଅଛି । ଏହା ମୂଳ ଭାଗବତ ସମ୍ପୂର୍ଣ୍ଣ ଅନୁବାଦ ନୁହେଁ । ଏହା ନବାକ୍ଷରୀ ଛନ୍ଦ ବା ଗୁଜୁରୀ ଛନ୍ଦରେ ଲିଖିତ । ଅଲୌକିକ ସାଧନା ବା ସିଦ୍ଧିକାମୀ ଅତିବଡ଼ି ରୂପରେ ନୁହେଁ, ନୈସର୍ଗିକ କବିତ୍ୱର ଅଧିକାରୀ, ଓଡ଼ିଆ ଜନଜୀବନର ଅଗ୍ରଦୂତ ହିଁ ଜଗନ୍ନାଥ ଦାସ। ଓଡ଼ିଶାର ବେଦ ହିଁ ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ । ଓଡ଼ିଶାର ଆଧ୍ୟାତ୍ମିକ ଜାଗରଣ, ସାଂସ୍କୃତିକ ବିକାଶ, ପାରସ୍ପରିକ ସଦ୍ଭାବ ପ୍ରତିଷ୍ଠା, ଶୃଙ୍ଖଳିତ ସମାଜ ଗଠନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଗ୍ରାମ୍ୟ ଏକତା, ଭେଦାଭେଦ ନିରୋଧ, ଚାରିତ୍ରିକ ଶିକ୍ଷା, ପାରିବାରିକ ଏକତ୍ୱ ଏବଂ ସର୍ବୋପରି ଓଡ଼ିଆଙ୍କ ଅଭ୍ୟୁଦୟ ହିଁ ଜଗନ୍ନାଥ ଦାସ କୃତ ଭାଗବତ। ଏବଂ ସେଇଥିପାଇଁ –"ସକଳ ଶାସ୍ତ୍ର ଭାଗବତ । ଅଭାଗ୍ୟ ନ ଶୁଣଇ ନିତ୍ୟ।" ଜଗନ୍ନାଥ ଦାସ କୃତ ଭାଗବତ ସତେ ଯେମିତି ଆମର ଲୋକସାହିତ୍ୟ। ଏହାର ବହୁ ପଦ, ପଦ୍ୟାଂଶ ବା ସୁଭାଷିତ ରୂପେ ଓଡ଼ିଆ ଜନମାନସରେ ଦୈନନ୍ଦିନ ଜୀବନରେ ଉଚ୍ଚାରିତ ହୋଇଥାଏ, ଯଥା- ଆତ୍ମା କୌଶଳେ ସର୍ବସିଦ୍ଧି । ତରଳ ସଂସାର ଭାଗବତ । ଭାଗବତ ଶବ୍ଦର ଅର୍ଥ ହେଲା 'ଭା'ର ଅର୍ଥ ଭାବ, 'ଗ'ର ଅର୍ଥ ଜ୍ଞାନ 'ବ' ର ଅର୍ଥ ବୈରାଗ୍ୟ ଏବଂ 'ତ'ର ଅର୍ଥ ତତ୍ତ୍ୱ କିନ୍ତୁ ବ୍ୟାକରଣ ସୂତ୍ରାନୁସାରେ ଭାଗବତ କୃଷ୍ଣଙ୍କ ଭାଗବତମ୍, ଅର୍ଥାତ୍ ଯାହା ଭଗବାନଙ୍କ କୃତ ତାହାହିଁ ଭାଗବତ। ଏହି ଭାଗବତରେ ଭଗବାନଙ୍କ କିଭଳି ଏକ ମହାତ୍ମ୍ୟ ବର୍ଣ୍ଣିତ। ଷୋଡ଼ଶ ଶତାବ୍ଦୀରେ ଯେଉଁ ମହାମନିଷୀମାନେ ଶ୍ରୀମଦ ଭାଗବତକୁ ଆଧାରରେ ପ୍ରାନ୍ତୀୟ ଭାଷାରେ ନିଜନିଜ ଭକ୍ତିପୂର୍ଣ୍ଣ କୃତିସମୂହ ଦ୍ୱାରା ସମାଜରେ ଭକ୍ତିଧାରା ସୃଷ୍ଟି କରିଥିଲେ ମହାନ କାର୍ଯ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ମହାନ ସନ୍ଥ ଅତିବଡ଼ୀ ଜଗନ୍ନାଥ ଦାସ ଅନ୍ୟତମ। ତାଙ୍କ ପ୍ରଣୀତ ଓଡ଼ିଆ ଭାଗବତ ଉତ୍କଳୀୟ ଜନଜୀବନ ଓ ଉତ୍କଳୀୟ ସଂସ୍କୃତିର ଏକ ବଳିଷ୍ଠ ଅଙ୍ଗ ପାଲଟି ଯାଇଛି । ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି । ଭାଗବତ ପାଠ କଲେ ସମସ୍ତ ପାପ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି । ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି । ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର ହୋଇଥାଏ । ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋତ୍କୃଷ୍ଟ ପରିଣତି । ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୈରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ । ମାନବର କଲ୍ୟାଣ ନିମନ୍ତେ ବ୍ୟାସଦେବ ଏହି ଗ୍ରନ୍ଥକୁ ରଚନା କରିଥିଲେ। ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ। ଦିନେ ବ୍ୟାସଦେବ ଅନ୍ୟମନସ୍କ ଭାବରେ ବସିଥିଲେ। ତାଙ୍କ ପାଖରେ ପହଞ୍ଚିଥିଲେ ନାରଦ ମୁନି। ନାରଦ ମୁନି ବ୍ୟାସଦେବଙ୍କ ମୁହଁକୁ ଦେଖି ପଚାରିଥିଲେ ତୁମ ମୁହଁ ଦେଖିଲେ ମନେ ହେଉଛି ତୁମେ ଦୁଖରେ ଅଛ ? ତୁମ ଭଳି ମହାନ ଜ୍ଞାନୀ, ଗୁଣୀ, ପଣ୍ଡିତ, ଋଷିବରଙ୍କର ପୁଣି ମନଦୁଃଖ କାହିଁକି ? ବେଦ, ପୁରାଣ ମହାଭାରତ ଭଳି ମହାନ ଗ୍ରନ୍ଥ ଯିଏ ରଚନା କରିଛନ୍ତି ତାଙ୍କଠାରୁ ଆଉ କିଏ ମହାନ ଅଛନ୍ତି ? ସେତେବେଳେ ନାରଦ ମୁନିଙ୍କ କଥା ଶୁଣି ବ୍ୟାସଦେବ କହିଛନ୍ତି– ହଁ ମୁନିବର ତୁମ କଥାଅନୁସାରେ ମୁଁ ବହୁତ କିଛି ରଚନା କରିସାରିଛି । କିନ୍ତୁ କାହିଁକି କେଜାଣି ମୋ ମନରେ ଅବସୋସ ରହିଯାଇଛି। ଆହୁରି କିଛି ରଚନା କରିବା ପାଇଁ, ଯଦିଓ ମୁଁ ବେଦ, ମହାଭାରତ ଇତ୍ୟାଦି ରଚନା କରିଛି କିନ୍ତୁ ମୁଁ ଚାହୁଁଛି ଏଭଳି ଏକ ଗ୍ରନ୍ଥ ରଚନା କରିବା ପାଇଁ ଯାହାକୁ ସାଧାରଣ ଲୋକମାନେ ପଢିପାରିବେ, ବୁଝିପାରିବେ ଏବଂ କୃଷ୍ଣଙ୍କର ଗୁଣ ଗାନ କରି ସୁଖରେ ରହିପାରିବେ। ସେତେବେଳେ ନାରଦ ମୁନି ଓ ବ୍ୟାସଦେବ ଉଭୟ ଆଲୋଚନା କରି ସ୍ଥିର କଲେ ଭାଗବତ ନାମକ ମହାନ ଗ୍ରନ୍ଥ ରଚନାର କଥା। ତାପରେ ବ୍ୟାସଦେବ ଆରମ୍ଭ କରିଥିଲେ ଭାଗବତ ରଚନା ଏବଂ ତାକୁ ଖୁବ ଶୀଘ୍ର ସାରିଥିଲେ ମଧ୍ୟ। ଭାଗବତ ମାହାପୁରାଣରେ ଜନ୍ମମୃତ୍ୟୁ କଥା କୁହା ଯାଇଛି । ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇବାକୁ ନିର୍ବାଣ, ମୋକ୍ଷ ବା ସ୍ୱର୍ଗପ୍ରାପ୍ତି କୁହାଯାଏ। ଭାଗବତ ମହାପୁରାଣରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ଯେ ଚଉରାଶି ଲକ୍ଷ ଯୋନି ଅତିକ୍ରମ କରିବା ପରେ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ନଅ ଲକ୍ଷ ପ୍ରକାର ଜଳ ଜୀବ, କୋଡିଏ ଲକ୍ଷ ପ୍ରକାର ବୃକ୍ଷ, ଏଗାର ଲକ୍ଷ ପ୍ରକାର କୃମି କୀଟ, ଦଶଲକ୍ଷ ପ୍ରକାର ପକ୍ଷୀ, ତିରିଶଲକ୍ଷ ପ୍ରକାର ପଶୁ ଓ ଚାରିଲକ୍ଷ ପ୍ରକାର ମନୁଷ୍ୟ ଯୋନି ଇତ୍ୟାଦି। ପୌରାଣିକ କଥା ଅନୁସାରେ ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର କରିବାକୁ ଶୁକମୁନି ତାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଅମୃତ ଆଖ୍ୟାନ ସାତଦିନ ଧରି ଶୁଣାଇଥିଲେ ତାହା ହେଉଛି 'ଶ୍ରୀମଦ୍ ଭାଗବତ' । ବ୍ୟାଖ୍ୟାକାରମାନଙ୍କ କଥନରେ ଏବଂ ଲୋକ ପରମ୍ପରାରେ ପ୍ରଚଳିତ ଅଛି, ଯେ ରାଜା ପରୀକ୍ଷିତଙ୍କୁ ଶୁକମୁନି ଭାଦ୍ରବ ଶୁକ୍ଳ ନବମୀ ଦିନ ଭଗବାନଙ୍କର ସେହି ଅମୃତ ଆଖ୍ୟାନ ଶୁଣାଇବା ଆରମ୍ଭ କରିଥିଲେ ଏବଂ ତାହା ଭାଦ୍ରବ ପୂର୍ଣ୍ଣିମା ଦିନ ସଂପୂର୍ଣ୍ଣ ହୋଇଥିଲା। ସେଇଥିପାଇଁ 'ଭାଦ୍ରବ ପୂର୍ଣ୍ଣିମୀ'କୁ 'ଭାଗବତ ଜନ୍ମ' ଭାବରେ କାହିଁ କେଉଁ କାଳରୁ ପାଳିନ କରାଯାଉଛି। ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି । ଭାଗବତ ପାଠ କଲେ ସମସ୍ତ ପାପତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି । ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି । ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର ହୋଇଥାଏ । ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋତ୍କୃଷ୍ଟ ପରିଣତି । ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୈରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ । ମାନବର କଲ୍ୟାଣ ନିମନ୍ତେ ବ୍ୟାସଦେବ ଏହି ଗ୍ରନ୍ଥକୁ ରଚନା କରିଥିଲେ। ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ। ଓଡ଼ିଆ ଭାଗବତକୁ କେବଳ ଧର୍ମତତ୍ତ୍ୱ ସମ୍ବଳିତ ଏକ ପୁରାଣ ଭାବରେ ଗ୍ରହଣ କରାଯାଇ ନପାରେ । ଏହା ଭକ୍ତିଭାବ, ଜନଚେତନା, ସାହିତ୍ୟିକ ବୈଶିଷ୍ଟ୍ୟ ବହନକାରୀ ଏକ ଗ୍ରନ୍ଥ ମଧ୍ୟ । କବିତ୍ୱ ଚାତୁରୀ, ଛନ୍ଦ ସଂଯୋଜନା, ଅଳଙ୍କାର, ଶବ୍ଦ ନିର୍ବାଚନ, ସୁଭାଷିତ ପଦାବଳୀ ଏକ ଐନ୍ଦ୍ରଜାଲିକ ବିଭୂତି ଆହରଣ କରିଛି ଏହି ଗ୍ରନ୍ଥ । ଏଥିରେ ଯେଉଁ ରୂପଲୋକ, ଭାବଲୋକ ସୃଷ୍ଟି ହୋଇପାରିଛି, ତାହା ସବୁ ବିଚାର ଓ ବିଶ୍ଲେଷଣର ଊର୍ଦ୍ଧ୍ୱରେ ଏକ ଅପୂର୍ବ କାବ୍ୟ ସୁଷମାର ଗନ୍ତାଘର । ଏହାର ମୌଳିକତା ଅନନ୍ୟ। କାବ୍ୟମୟ କୋମଳତା ହିଁ 'ଓଡ଼ିଆ ଭାଗବତ'। ପାଠକର ଭାବଲୋକରେ କେବଳ ଉପଲବ୍ଧି କରାଯାଇପାରେ ଭାଗବତକୁ, "ସମଗ୍ର ଭାଗବତ ଏହିପରି ବହୁ ଅନବଦ୍ୟ କବିତ୍ୱରେ ପୂର୍ଣ୍ଣ । ଭକ୍ତମାନଙ୍କର ଚନ୍ଦନଛିଟା ତଳେ, ପୁଣି ବଲୀକମାନଙ୍କର ଗର୍ଭରେ 'ଭାଗବତ'ର ଅପୂର୍ବ କବିତ୍ୱ ଅଧୁନା ଲୁପ୍ତ ହୋଇଅଛି । ତାହାର ପୁନରୁଦ୍ଧାର ହୋଇପାରିଲେ , ସାରସ୍ୱତ ଉପବନରେ ଏହା ପୁଣି ଏକ ଅମ୍ଳାନ କମଳ ପରି ପ୍ରସ୍ଫୁଟିତ ହୋଇ ପାରିବ ।

# ଆଧାର ଏବେ ନିରାଧାର



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କିଛି ମାସ ବାକି ଥିବାବେଳେ ଭୋଟର ତାଲିକା ଯାଞ୍ଚ ପାଇଁ ଭାରତର ନିର୍ବାଚନ କମିଶନଙ୍କ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ଅସାମ୍ବିଧାନିକ ଓ ବେଆଇନ ଦର୍ଶାଇ ବିରୋଧି ଦଳ ଓ କେତେକ ସଂଗଠନ ପକ୍ଷରୁ ଦାୟର ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ ଅଗଷ୍ଟ ପହିଲାରୁ ଜାରି ହେଉଥିବା ଚିଠା ପ୍ରସ୍ତାବ ଉପରେ ରହିତାଦେଶ ଦେବାକୁ ମନା କରିଥିବା ସତ୍ତ୍ୱେ ଜାଲିଆତି ରୋକିବାରେ 'ଆଧାର' ଏବଂ 'ଭୋଟର ପରିଚୟ ପତ୍ର' ସମର୍ଥ ନଥିବା ନେଇ ଇସି କରିଥିବା ଯୁକ୍ତିକୁ ଅଗ୍ରାହ୍ୟ କରିଦେବା ସହ ଦ୍ୱିତୀୟ ଥର ପାଇଁ ଏହି ଦୁଇଟି ଦସ୍ତାବିଜକୁ ପରିଚୟ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ମଧ୍ୟ ଚେତାବନୀ ଦେଇ କହିଛନ୍ତି ଯେ, ଏସଆଇଆର'ର ଅନିୟମିତତା ଅଭିଯୋଗ ପରିପ୍ରେକ୍ଷୀରେ ସମସ୍ତ ପ୍ରକ୍ରିୟାକୁ ରଦ୍ଦ କରିବା ଲାଗି ପଦକ୍ଷେପ ନେବାକୁ ଖଣ୍ଡପୀଠ କୁଣ୍ଠାବୋଧ କରିବେ ନାହିଁ। ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଯେକୌଣସି ଦସ୍ତାବିଜ୍‌ରେ ଜାଲିଆତି ହୋଇପାରେ ଏବଂ ସେଥିଲାଗି ସମସ୍ତଙ୍କୁ ବାଦ ଦେବା ଭଳି ବ୍ୟବସ୍ଥା କରାଯିବା ଉଚିତ ନୁହେଁ। ଖୋଦ୍ ନିର୍ବାଚନ କମିଶନ ଜାରୀ କରିଥିବା ଭୋଟର ପରିଚୟ'କୁ ସକ୍ରିୟ ପରିଚୟ ପ୍ରମାଣ ଭାବେ ନକରିବା ନିଷ୍ପତ୍ତିରେ ବିସ୍ମୟ ପ୍ରକାଶ କରିଛନ୍ତି। ଯାହାକି ସ୍ୱାଭାବିକ। ସର୍ବୋଚ୍ଚ ଅଦାଲତ ଆହୁରି ଦର୍ଶାଇଛନ୍ତି ଯେ, ପ୍ରତ୍ୟେକ ନାଗରିକଙ୍କୁ ଭୋଟର ତାଲିକାରେ ଅର୍ନ୍ତଭୁକ୍ତ କରିବା ପ୍ରାଥମିକତା ହେବା ଉଚିତ୍। ଏହା ନିଃସନ୍ଦେହ ଯେ, ସୁପ୍ରିମକୋର୍ଟଙ୍କ ସତର୍କବାଣୀ ଅକାରଣୀୟ ନୁହେଁ। ନିର୍ବାଚନ କମିଶନଙ୍କ ଏସଆଇଆର ବିରୁଦ୍ଧରେ ବହୁ ଅଭିଯୋଗ ରହିଛି, ଯାହାକି ଯଥାର୍ଥ ମନେହୁଏ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ବିଧାନସଭା ନିର୍ବାଚନ ମାତ୍ର କିଛି ସମୟ ବାକିଥିବା ବେଳେ ଯାଞ୍ଚ ପାଇଁ ସ୍ୱତନ୍ତ୍ର ଇଣ୍ଟେନସିଭ ରିଭିଜନ ପ୍ରକ୍ରୀୟା ଆରମ୍ଭ କରିବା। ଯାହା କମିଶନଙ୍କ ପ୍ରକ୍ରିୟାଗତ ତୃଟିକୁ ଦର୍ଶାଉଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ମାସ ବ୍ୟାପୀ ଚାଲିଥିବା ସଂଶୋଧନ ପ୍ରକ୍ରିୟା ଯାହାକି ଆଜି(ଗୁରୁବାର) ଶେଷ ହୋଇଛି, ଚିଠା ଭୋଟର ତାଲିକାରୁ ୬୮ ଲକ୍ଷରୁ ଅଧିକ ମତଦାତା ଭୋଟର ବାଦ୍ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ୨୦୨୪ ସାଧାରଣ ନିର୍ବାଚନ ବେଳେ ବିହାରରେ ମୋଟ ଭୋଟଦାତାଙ୍କ ସଂଖ୍ୟା ୭କୋଟି ୯୦ଲକ୍ଷ ଥିବାବେଳେ ଚିଠା ତାଲିକାରେ ୭କୋଟି ୨୩ଲକ୍ଷ ଭୋଟରଙ୍କ ନାମ ସ୍ଥାନ ପାଇଛି। ଆହୁରି ମଧ୍ୟ ବହୁ ଫର୍ମ ଯାଞ୍ଚ ବାକି ଥିବାବେଳେ ବହୁ ଫର୍ମ ଅସମ୍ପୂର୍ଣ୍ଣ ଥିବାରୁ ମୋଟ ଭୋଟଦାତାଙ୍କ ସଂଖ୍ୟା ଚିଠାତାଲିକା ଠାରୁ ହ୍ରାସ ପାଇବା ଆଶଙ୍କା ରହିଛି। ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର), ଯେ କି ଅଣ-ଲାଭଜନକ ସଂସ୍ଥାର ତଥ୍ୟ ଅନୁଯାୟୀ ଏହି ପ୍ରକ୍ରିୟାରେ ରାଜ୍ୟରେ ୯୪ଲକ୍ଷ ଭୋଟଦାତାଙ୍କ ଭାଗ୍ୟ ଏବେ ବିପଦରେ ଏଡିଆର ତାର ପିଟିସନରେ ଉଲ୍ଲେଖ କରିଛି ଯେ, ଯାଞ୍ଚ ପ୍ରକ୍ରିୟାରେ ନିୟୋଜିତ ଅଧିକାରୀମାନେ ଫର୍ମଗୁଡିକୁ ଯଥାରୀତି ଭାବେ ପୂରଣ ନକରିବା ଏବେ ବିନା ସ୍ୱାକ୍ଷରରେ ଅପଲୋଡ୍ ହେଉଛି। ଯାହାଦ୍ୱାରା ସେମାନେ ଭୋଟର ତାଲିକାରୁ ବାଦ ପଡିବା ଆଶଙ୍କାକୁ ଅଗ୍ରାହ୍ୟ କରାଯାଇନପାରେ। କହିବା ବାହୁଲ୍ୟ ଯେ, ଭୋଟର ତାଲିକାରୁ ବେଆଇନ ବିଦେଶୀ ନାଗରିକମାନଙ୍କୁ ହଟାଇବା ଏସଆଇଆର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନିର୍ବାଚନ କମିଶନ ଦର୍ଶାଇଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କେତେ ବିଦେଶୀଙ୍କୁ ଚିହ୍ନଟ କରାଗଲାଣି ସେ ନେଇ କମିଶନ ନୀରବ ତେବେ ଚିଠା ପ୍ରସ୍ତାବରୁ ବାଦ୍ ପଡିଥିବା ୬୫ଲକ୍ଷ ଭୋଟରଙ୍କ ମଧ୍ୟରୁ ଭୋଟଦାତାଙ୍କ ମୃତ୍ୟୁ, କେତେକ ସ୍ଥାୟୀ ଭାବେ ଅନ୍ୟତ୍ର ପଳାଇଥିବା, କେତେକଙ୍କ ନାମ ଅନ୍ୟ ସ୍ଥାନରେ ଥିବା ଏବଂ କେତେକଙ୍କ ପତ୍ତା ମିଳୁନଥିବା ଆଦି ରହିଛି। କିନ୍ତୁ କେତେ ସଂଖ୍ୟକ ବିଦେଶୀ ନାଗରିକ ଅଛନ୍ତି, ସେ ନେଇ କିଛି କୁହାଯାଇନାହିଁ। ଏହା ନିଶ୍ଚିତ ଯେ, ନିର୍ବାଚନ କମିଶନଙ୍କ ଏସଆଇଆର'ର ଲକ୍ଷ୍ୟକୁ ପ୍ରଶ୍ନ କରାଯାଇନପାରେ। ଏହା କମିଶନଙ୍କ ସାମ୍ବିଧାନିକ କ୍ଷମତା। ମାତ୍ର ଯେଉଁ ସମୟରେ ଏହା କରାଯାଉଛି ଏବଂ ପ୍ରମାଣପତ୍ରର ଦସ୍ତାବିଜକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି 'ଆଧାର'କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍କୁଲରେ ନାମଲେଖା ଠାରୁ ଆରମ୍ଭ କରି ନିଯୁକ୍ତି, ସାମାଜିକ ଭତ୍ତା, ବ୍ୟାଙ୍କରେ ଖାତା ଖୋଲିବା, ପ୍ୟାନକାର୍ଡ ଆବେଦନ ଆଦି ବିଭିନ୍ନ କ୍ଷେତ୍ରରେ ବାଧ୍ୟତାମୂଳକ କରିଥିବାବେଳେ ଅତୀତରେ ଦେଶରେ ପଞ୍ଚାୟତ ଠାରୁ ଆରମ୍ଭ କରି ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ଯେତେସବୁ ନିର୍ବାଚନ ହୋଇଛି, ପରିଚୟ ପ୍ରମାଣପତ୍ର ଭାବେ ବ୍ୟବହାର ହୋଇଛି। ଏବେ ଆଧାର'ରେ କି ପ୍ରକାରର ତୃଟି, ଜାଲିଆତି ନିର୍ବାଚନ କମିଶନଙ୍କ ଦୃଷ୍ଟିଗୋଚର ହୋଇଛି ଯେ, ଯାଞ୍ଚ ପ୍ରକ୍ରିୟାରେ ଏହା ଗ୍ରହଣ କରିନାହାଁନ୍ତି ? ସୁପ୍ରିମକୋର୍ଟଙ୍କ ପରାମର୍ଶ ସତ୍ତ୍ୱେ ନିର୍ବାଚନ କମିଶନ ଅଗ୍ରାହ୍ୟ କରିଦେଇଛନ୍ତି। ଆଧାରରେ ଥିବା ତୃଟି, ଜାଲିଆତି ସମ୍ପର୍କରେ କମିଶନ ସାର୍ବଜନୀନ କରିବା ଉଚିତ। ଅତୀତରେ ସୁପ୍ରିମକୋର୍ଟ ଆଧାର ବୈଧତାକୁ ଅସାମ୍ବିଧାନିକ ଘୋଷଣା କରିଥିବାବେଳେ ବର୍ତ୍ତମାନର କେନ୍ଦ୍ର ସରକାର ପାର୍ଲିଆମେଣ୍ଟରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ଏହାକୁ ଏକ ପ୍ରମାଣ ପତ୍ର ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ। ଏବେ ଭାରତର ନିର୍ବାଚନ କମିଶନ ଆଧାରକୁ ନିରାଧାର କରିବାର ଉଦ୍ଦେଶ୍ୟ କ'ଣ ବୁଝାପଡୁ ନାହିଁ।

# ଆସିଲେ ବରଷା ଡାଇରିଆ କରେ ଛାନିଆ



ଡାକ୍ତର ଅଂଶୁମାନ କର
ଏନ୍-୧/୧୮୩, ନୟାପଲ୍ଲୀ
ମୋ. : ୯୭୭୮୦୩୦୪୯୪

ବର୍ଷା ଋତୁ ଆସିଲେ ସବୁଆଡେ ତରଳ ଝାଡା, ବାନ୍ତି, ପେଟ କଟା ପରି ରୋଗରେ ପୀଡିତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗେ। ଆମର ବହିର୍ବିଭାଗର ଏକ ତୃତୀୟାଂଶ ରୋଗୀ ଏହି ଡାଇରିଆରେ ପୀଡ଼ିତ ହୋଇ ଡାକ୍ତରଖାନା ଆସିଥାନ୍ତି। ତେବେ ଏହି ରୋଗୀମାନଙ୍କ ମଧ୍ୟରୁ ୯୫% ରୋଗୀ କେବଳ ଜୀବନ ଶୈଳୀର ସଂଯମତା, ଲକ୍ଷଣଯୁକ୍ତ ଆଶୁ ଚିକିତ୍ସା ଓ ସ୍ୱଚ୍ଛ ନିର୍ମଳ ଖାଦ୍ୟ ଓ ପାଣି ଦ୍ୱାର ଭଲ ହୋଇ ଯାଆନ୍ତି। ମାତ୍ର ଯଦି ଠିକ ସମୟରେ ଏହାର ଉପସମ ନ କରାଗଲା ତାହେଲେ ଏହି ଅତି ସାଧାରଣ ରୋଗ ବି ମୃତ୍ୟୁର କାରଣ ହୋଇ ପାରେ। ଏକ ମହାମାରୀ ପରି ଏହା ବିଭିନ୍ନ ସ୍ଥାନକୁ ବ୍ୟାପି ଅନେକ ନିରିହ ଜୀବନ ହରଣ କରିଥାଏ। ଏବେ ନିକଟରେ ଆମର ଉପକୂଳବର୍ତ୍ତି ଜିଲ୍ଲାମାନଙ୍କରେ ଡାଇରିଆ ରୋଗ ହାହାକାର ସୃଷ୍ଟି କରିଥିଲା, ଏବେ ବି ସ୍ଥାନେ ସ୍ଥାନେ ଗୋଟେ ଗୋଟେ ଗ୍ରାମ ଡାଇରିଆରେ ଆକ୍ରାନ୍ତ ହେବା ଖବର ଆସୁଛି। ରଥ ଯାତ୍ରା ଯାଇଛି, ଏବେ ଆଗକୁ ଅନେକ ପର୍ବପର୍ବାଣି ସହ ମେଳା ଉତ୍ସବ ଆଦି ଆସିବ, ବର୍ଷା ସାଙ୍ଗକୁ ଏହି ମେଳା ଉତ୍ସବ ମାନେ ଡାଇରିଆକୁ ନେଇ ଛାନିଆ ବଢାଇବାରେ ଲାଗିବେ। ଏହି ସମୟରେ ଆମର ଏହି ସ୍ତମ୍ଭ ମାଧ୍ୟମରେ ଆମେ ଲୋକଙ୍କୁ ଡାଇରିଆ ସମ୍ବନ୍ଧରେ ସଚେତନ ଓ ସତର୍କ କରିବା। ଜନ ଗଣ ସ୍ୱାସ୍ଥ୍ୟର ପୂର୍ବ ସ୍ତମ୍ଭ ମାନଙ୍କରେ ଯେପରି ରୋଗର କାରଣ ଓ ନିରାକରଣ ସହ ତାହାର ପ୍ରତିରୋଧ ବିଷୟରେ ସୂଚନା ଦେବା ଆମର ଲକ୍ଷ୍ୟ ଥିଲା ସେଇ କ୍ରମରେ ଆସନ୍ତୁ ଜାଣିବା ଡାଇରିଆ ବିଷୟରେ

ଡାଇରିଆର ଅର୍ଥ ହେଉଛି ତରଳ କିମ୍ବା ପାଣି ଭଳି ଝାଡ଼ା (ମଳ) ହେବା। ଏହା ଏତେ ସାଧାରଣ ଯେ ଅଧିକାଂଶ ଲୋକ ଏହି ଶବ୍ଦ ଶୁଣିଲେ ଚମକୁଥାନ୍ତି। ଶୌଚାଳୟରେ, ଅସୁସ୍ଥ ଦେଖାଯାଉଥିବା ମଳ ବିଷୟରେ ଚିନ୍ତା କଲେ ବି ଅପ୍ରୀତିକର ଅନୁଭବ ହୁଏ । ଯଦି ଆପଣଙ୍କର ଡାଇରିଆ ହୁଏ, ତେବେ ଏହା କାହିଁକି ହେଉଛି କିମ୍ବା ଏହା କେତେ ଦିନ ରହିବ ତାହା ନ ଜାଣିବା କେବଳ ଅପ୍ରୀତିକର ଭାବନାକୁ ଚାପ ଦେଇଥାଏ। ମାତ୍ର ଭଲ ଖବର ହେଉଛି ଯେ ଡାଇରିଆ ସାଧାରଣତଃ ଏକ ଅଣଜଟିଳ ରୋଗ (ଦିନକୁ କେବଳ କିଛି ବାଥରୁମ୍ ଯିବା) ଏବଂ କିଛି ଦିନ ମଧ୍ୟରେ ଏହା ଭଲ ମଧ ହୋଇଯାଏ। ମୁଖ୍ୟତଃ ଆମ ପାକସ୍ଥଳିରେ ଖାଦ୍ୟପେୟ ଜନିତ ତ୍ରୁଟିର ପ୍ରକୋପରେ ଏହା ହୋଇଥାଏ ଏବଂ ପରବର୍ତ୍ତୀ ସମୟରେ ଆମର ଆଭ୍ୟନ୍ତରୀଣ ପାଚନର ସୁସ୍ଥତା ସହ ଠିକ ହୋଇ ଯାଏ। କିନ୍ତୁ କେତେକ ସମୟରେ, ଡାଇରିଆ ଏକ ଗମ୍ଭୀର ଅବସ୍ଥାର ଲକ୍ଷଣ ଭାବେ ଦେଖାଦିଏ । ଏହା ଆପଣଙ୍କୁ ଅତ୍ୟଧିକ ତରଳ ପଦାର୍ଥ(ଶୁଷ୍କ ହୋଇ ପଡିବା ) ହରାଇବାକୁ କିମ୍ବା ଆପଣଙ୍କୁ ପର୍ଯ୍ୟାପ୍ତ ପୋଷଣ ତତ୍ତ୍ୱ ପାଇବାରୁ ବାଧା ଦେଇପାରେ। ଏ ଭଳି କ୍ଷେତ୍ରରେ ଡାଇରିଆ ବିଷୟରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଦେଖା କରିବେ ଏବଂ କେବେ ଯାଏ ଅପେକ୍ଷା କରିବେ ତାହା ଜାଣିବା ପାଇଁ କ'ଣ ଦେଖିବା ଉଚିତ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। ଡାଇରିଆ କେତେ ଦିନ ପର୍ଯ୍ୟନ୍ତ ରହିଥାଏ ତାହା ଉପରେ ନିର୍ଭର କରି ବିଭିନ୍ନ ନାମ ଦେଇଥାଏ:

ତୀବ୍ର ଡାଇରିଆ(ଆକ୍ୟୁଟ): ତୀବ୍ର ଡାଇରିଆ ହେଉଛି ଢିଲା, ପାଣି ଭଳି ଡାଇରିଆ ଯାହା ଗୋଟିଏରୁ ଦୁଇ ଦିନ ପର୍ଯ୍ୟନ୍ତ ରହିଥାଏ। ଏହା ସବୁଠାରୁ ସାଧାରଣ ପ୍ରକାର ଏବଂ ସାଧାରଣତଃ ଚିକିତ୍ସା ବିନା ଚାଲିଯାଏ।

ନିରନ୍ତର ଡାଇରିଆ(ପାର୍ସୀଷ୍ଟେଣ୍ଟ ): ନିରନ୍ତର ଡାଇରିଆ ପ୍ରାୟ ଦୁଇରୁ ଚାରି ସପ୍ତାହ ପର୍ଯ୍ୟନ୍ତ ରହିଥାଏ।

କ୍ରୋନିକ ଡାଇରିଆ: ଦୀର୍ଘକାଳୀନ ଡାଇରିଆ ଚାରି ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ କିମ୍ବା ଦୀର୍ଘ ସମୟ ଧରି ନିୟମିତ ଭାବରେ ଆସିଥାଏ। ଏତେ ଦିନ ପର୍ଯ୍ୟନ୍ତ ରହିଥିବା ଡାଇରିଆ ଏକ ଅଧିକ ଗମ୍ଭୀର ଅବସ୍ଥାକୁ ସୂଚାଇପାରେ ଯାହା ଆପଣଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ସାକ୍ଷାତ କରିବା ଆବଶ୍ୟକ।

ଡାଇରିଆର ମୁଖ୍ୟ କାରଣ ହେଉଛି ଏକ ଭାଇରସ ଯାହା ଆପଣଙ୍କ ଅନ୍ତନଳୀକୁ ସଂକ୍ରମିତ କରେ (ଗ୍ୟାଷ୍ଟ୍ରୋଏଣ୍ଟେରାଇଟ୍ସିସ୍)। କେତେକ ଏହାକୁ 'ପେଟ ଫ୍ଲୁ' କିମ୍ବା 'ପେଟ କୀଟ' ବୋଲି କୁହନ୍ତି। କିନ୍ତୁ ଡାଇରିଆର ଅନେକ କାରଣ ହୋଇପାରେ। ତେବେ ସଂକ୍ରମଣ ରୋଗ ସୃଷ୍ଟିକାରୀ ଜୀବାଣୁ (ଭାଇରସ୍, ବ୍ୟାକ୍ଟେରିଆ ଏବଂ ପରଜୀବୀ) ସମସ୍ତ ଡାଇରିଆ ସଂକ୍ରମଣ ସୃଷ୍ଟି କରିପାରନ୍ତି। ବୟସ୍କମାନଙ୍କ ମଧ୍ୟରେ ଡାଇରିଆର ସବୁଠାରୁ ସାଧାରଣ କାରଣ ହେଉଛି ନୋରୋଭାଇରସ୍ ଯାହା ଗ୍ୟାଷ୍ଟ୍ରୋଏଣ୍ଟେରାଇଟ୍ସ ସୃଷ୍ଟି କରେ। ରୋଟାଭାଇରସ୍ ହେଉଛି ପିଲାମାନଙ୍କ ମଧ୍ୟରେ ତୀବ୍ର ଡାଇରିଆର ସବୁଠାରୁ ସାଧାରଣ କାରଣ।

ଏହା ଛାଡ଼ ଅନ୍ୟ ପ୍ରମୁଖ କାରଣ ସବୁ ହେଲା ଖାଦ୍ୟର ବିଷାକ୍ତକରଣ(ଫୁଡ ପଏଜନିଂ) ଦୂଷିତ ଖାଦ୍ୟ କିମ୍ବା ପାନୀୟରୁ କ୍ଷତିକାରକ ବିଷାକ୍ତ ପଦାର୍ଥ ଥରେ ଆପଣଙ୍କ ଅନ୍ତନଳୀରେ ପହଞ୍ଚିଗଲେ, ବିଷାକ୍ତ ପଦାର୍ଥ କିମ୍ବା ଜୀବାଣୁ ଡାଇରିଆ ସୃଷ୍ଟି କରିପାରନ୍ତି। 'ଭ୍ରମଣକାରୀଙ୍କ ଡାଇରିଆ' ହେଉଛି ଯେତେବେଳେ ଆପଣ ଖରାପ ପରିଚ୍ଛନ୍ନତା କିମ୍ବା ପରିମଳ ସହିତ ଏକ ନୂତନ ପରିବେଶରେ ଯାତ୍ରା କରୁଥିବା ସମୟରେ ଡାଇରିଆରେ ପୀଡିତ ହୁଅନ୍ତି । ସାଧାରଣତଃ, ଏହା ବ୍ୟାକ୍ଟେରିଆ ସହିତ ସଂସ୍ପର୍ଶରେ ଆସି ଆପଣଙ୍କୁ ଡାଇରିଆ ଦିଏ। ବେଳେ ବେଳେ କିଛି ଔଷଧ ସେବନ ଦ୍ୱାରା ଡାଇରିଆ ଏକ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା। ଉଦାହରଣ ସ୍ୱରୂପ, ଆଣ୍ଟିବାୟୋଟିକ୍ସ କ୍ଷତିକାରକ ଜୀବାଣୁକୁ ମାରିଦିଏ ଯାହା ଆପଣଙ୍କୁ ଅସୁସ୍ଥ କରିଥାଏ, କିନ୍ତୁ ସେମାନେ ଏହି ପ୍ରକ୍ରିୟାରେ ଆମର ପାକସ୍ଥଳିର ଅନେକ ସହାୟକ ଜୀବାଣୁକୁ ନଷ୍ଟ କରିପାରନ୍ତି। ଯଥେଷ୍ଟ ଭଲ ଜୀବାଣୁ ନ ଥିବାରୁ ଡାଇରିଆ ହୋଇପାରେ। ଡାଇରିଆ ମଧ୍ୟ ମ୍ୟାଗ୍ନେସିୟମ୍ ସହିତ ଆଣ୍ଟାସିଡ୍ ଏବଂ କିଛି କର୍କଟ ଔଷଧ ଏବଂ ଚିକିତ୍ସାର ଏକ ପାର୍ଶ୍ୱ ପ୍ରତିକ୍ରିୟା। ଅତ୍ୟଧିକ ବ୍ୟବହାର ମଧ୍ୟ ଡାଇରିଆର କାରଣ ହୋଇପାରେ।

ଯାହା ଆପଣଙ୍କ ପାଚନ ପ୍ରଣାଳୀକୁ ବିଚଳିତ କରେ। ଯଦି ଆପଣ ଲାକ୍ଟୋଜ୍ ଅସହିଷ୍ଣୁ, ତେବେ ଆପଣଙ୍କୁ ଡାଇରିଆ ହୁଏ କାରଣ ଆପଣଙ୍କ ଶରୀର ଲାକ୍ଟୋଜ୍, କ୍ଷୀରରେ ଥିବା ଚିନିକୁ ହଜମ କରିବାକୁ ସଂଘର୍ଷ କରେ। କିଛି ଲୋକଙ୍କୁ ଫ୍ରୁକ୍ଟୋଜ୍, ମହୁରେ ଥିବା ଚିନି ଏବଂ କିଛି ଖାଦ୍ୟରେ ମିଠା ଭାବରେ ମିଶାଯାଉଥିବା ଫଳ ହଜମ କରିବାରେ ସମସ୍ୟା ହୁଏ। ସେଲିଆକ୍ ରୋଗରେ, ଆପଣଙ୍କୁ ଡାଇରିଆ ହୁଏ କାରଣ ଆପଣଙ୍କ ଶରୀର ଗହମରେ ଥିବା ଗ୍ଲୁଟେନ୍, ଏକ ପ୍ରୋଟିନ୍ ଭାଙ୍ଗିବାରେ ସମସ୍ୟା ହୁଏ ଆପଣଙ୍କ ଅନ୍ତନଳୀକୁ ପ୍ରଭାବିତ କରୁଥିବା ରୋଗ। ଡାଇରିଆ ହେଉଛି ଏପରି ଅବସ୍ଥାର ଏକ ସାଧାରଣ ଲକ୍ଷଣ ଯାହା ଆପଣଙ୍କ ଅନ୍ତନଳୀରେ ଜ୍ୱଳନ ଏବଂ ପ୍ରଦାହ ସୃଷ୍ଟି କରେ। କ୍ରୋନ୍ସ ରୋଗ, ଅଲସେରେଟିଭ୍ କୋଲାଇଟିସ୍ ଏବଂ ଇରିଟେବ୍ଲେ ବାଓ୍ୱେଲ୍ ସିଣ୍ଡ୍ରୋମ୍ (IBS) ସମସ୍ତ ଡାଇରିଆର କାରଣ ହୋଇପାରେ। ଯଦି ଆପଣଙ୍କର IBS ଭଳି ଅବସ୍ଥା ଥାଏ ତେବେ ଚାପ ଏବଂ ଚିନ୍ତା ଲକ୍ଷଣଗୁଡ଼ିକୁ ଆହୁରି ଖରାପ କରିପାରେ। ଆପଣଙ୍କ ଅନ୍ତନଳୀରେ ପ୍ରକ୍ରିୟା। ଅନେକ ଲୋକଙ୍କ ଅନ୍ତନଳୀରେ ଅସ୍ତ୍ରୋପଚାର ପରେ ଡାଇରିଆ ହୁଏ। ଆପଣ ଖାଉଥିବା ଖାଦ୍ୟରୁ ପୁଷ୍ଟିକର ପଦାର୍ଥକୁ ଶୋଷଣ କରିବାକୁ ଏବଂ ଅପଚୟରୁ ଦୃଢ଼ ମଳ ସୃଷ୍ଟି କରିବାକୁ ଆପଣଙ୍କ ପାଚନ ପ୍ରକ୍ରିୟାକୁ କିଛି ସମୟ ଲାଗିପାରେ।

ଝାଡ଼ାର ମୁଖ୍ୟ ଲକ୍ଷଣ ହେଉଛି ତରଳ କିମ୍ବା ପାଣି ଭଳି ଝାଡ଼ା। ଅନ୍ୟାନ୍ୟ ସାଧାରଣ ଲକ୍ଷଣଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ: ପେଟ ଫୁଲିବା କିମ୍ବା ସଂକ୍ରାମକ ହେବା, ମଳ କରିବାକୁ ପ୍ରବଳ ଏବଂ ଜରୁରୀ ଆବଶ୍ୟକତା, ବାନ୍ତି (ପେଟ ଖରାପ)। ଏହି ଲକ୍ଷଣଗୁଡ଼ିକ ପାଇଁ ସାଧାରଣତଃ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଗସ୍ତ ଆବଶ୍ୟକ ହୁଏ ନାହିଁ, ବିଶେଷକରି ଯଦି ଏଗୁଡ଼ିକ କେବଳ କିଛି ଦିନ ରହେ। ଝାଡ଼ାର ଗମ୍ଭୀର ମାମଲାଗୁଡ଼ିକ ଏକ ଗୁରୁତର ସଂକ୍ରମଣ ଭଳି ଚିକିତ୍ସା ଅବସ୍ଥାକୁ ସୂଚାଇପାରେ, ଯାହା ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଠାରୁ ଚିକିତ୍ସା ବିନା ଭଲ ହେବ ନାହିଁ। ଯଦି ଆପଣଙ୍କର ଡାଇରିଆ ସହ ଅନ୍ୟ ଲକ୍ଷଣ ଯଥା ଜ୍ୱର,ଗୁରୁତର ପେଟ ଯନ୍ତ୍ରଣା, ବାନ୍ତି, ଆପଣଙ୍କ ମଳରେ ରକ୍ତ କିମ୍ବା କଫ, ଓଜନ ହ୍ରାସ (ଏହା ଆପଣଙ୍କ ଶରୀର ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱ ଶୋଷଣ କରୁନଥିବାର ଏକ ସଙ୍କେତ ହୋଇପାରେ)। ଯଦି ଆପଣ ଡିହାଇଡ୍ରେସନର ଲକ୍ଷଣ ଯଥା ମଥାବ୍ୟଥା,ଲାଲ ପଡ଼ିବା, ଶୁଷ୍କ ଚର୍ମ, ଚିଡ଼ଚିଡ଼ା ଏବଂ ଦ୍ୱନ୍ଦ୍ୱ, ଗମ୍ଭୀର ବାନ୍ତି ଏବଂ ବାନ୍ତି, ହାଲୁକା ମୁଣ୍ଡ ଏବଂ ମୁଣ୍ଡ ଘୂର୍ଣ୍ଣନ, ଥକ୍କାପଣ (କ୍ଲାନ୍ତି ଯାହା ବିଶ୍ରାମ ସହିତ ଭଲ ହୁଏ ନାହିଁ), ଗାଢ଼ ପରିସ୍ରା, ଅଳ୍ପ ପରିମାଣରେ ପରିସ୍ରା କିମ୍ବା କୌଣସି ପରିସ୍ରା ନାହିଁ। ଦିନରେ ଛଅଟି ଓଦା ଡାଇପରରୁ କମ୍ (ଶିଶୁ),ଆଠ ଘଣ୍ଟା ପାଇଁ ଓଦା ଡାଇପର କିମ୍ବା ପରିସ୍ରା ନାହିଁ (ଛୋଟ ପିଲା), କାନ୍ଦିବା ସମୟରେ ଲୁହ ନାହିଁ (ଶିଶୁ ଏବଂ ଛୋଟ ପିଲା) ଇତ୍ୟାଦି ଅନୁଭବ କରୁଛନ୍ତି କିମ୍ବା ଆପଣଙ୍କ ପିଲାରେ ମାନ୍ଦା ହେବା ଲକ୍ଷଣ ଦେଖୁଛନ୍ତି, ତେବେ ଏକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। ଡାଇରିଆ ସହିତ ଜଳୀୟ ଅଂଶ ହ୍ରାସ ହେଉଛି ସବୁଠାରୁ ବଡ଼ ଚିନ୍ତାର ବିଷୟ। ଏହା ବିଶେଷକରି ଦୁର୍ବଳ ଜନସଂଖ୍ୟା (ଶିଶୁ, ୬୫ ବର୍ଷ ଏବଂ ତା'ଠାରୁ ଅଧିକ ବୟସ୍କ ଏବଂ ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଥିବା ବ୍ୟକ୍ତି) ମଧ୍ୟରେ ସତ୍ୟ। ଚିକିତ୍ସା ବିନା, ଜଳୀୟ ଅଂଶ ହ୍ରାସ ବୃକକ୍ ବିଫଳତା, ଷ୍ଟ୍ରୋକ୍, ହୃଦଘାତ କିମ୍ବା ମୃତ୍ୟୁ ମଧ ହୋଇପାରେ।

ଆପଣ ଘରେ କରିପାରୁଥିବା ଜୀବନଶୈଳୀ ପରିବର୍ତ୍ତନ ମାଧ୍ୟମରେ ପ୍ରାୟତଃ ତୀବ୍ର ଡାଇରିଆରୁ ମୁକ୍ତି ପାଇପାରିବେ। ପ୍ରଚୁର ପାଣି ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋଲାଇଟ୍-ସନ୍ତୁଳିତ ତରଳ ପଦାର୍ଥ ପିଅନ୍ତୁ। ଏଥିରେ ତରଳ ଏବଂ ପଲ୍ପ-ମୁକ୍ତ ଫଳ ରସ, ବ୍ରୋଥ, ସ୍ପୋର୍ଟସ୍ ଡ୍ରିଙ୍କସ୍ ଏବଂ କ୍ୟାଫିନ୍-ମୁକ୍ତ ସୋଡା ଅନ୍ତର୍ଭୁକ୍ତ। ଏହି ପାନୀୟଗୁଡ଼ିକ ଡାଇରିଆ ସହିତ ଆପଣ ହରାଇଥିବା ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସକୁ ପ୍ରତିସ୍ଥାପିତ କରେ। ଇଲେକ୍ଟ୍ରୋଲାଇଟ୍ ହେଉଛି ଏପରି ପଦାର୍ଥ ଯାହା ଆପଣଙ୍କ ଶରୀରରେ ତରଳ ପଦାର୍ଥର ସନ୍ତୁଳନ ବଜାୟ ରଖିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ସାହାଯ୍ୟ କରେ। ଏପରି ଖାଦ୍ୟ ବାଛନ୍ତୁ ଯାହା ଆପଣଙ୍କ ମଳକୁ ଦୃଢ଼ କରିପାରିବ। କିଛି କମ୍ ଫାଇବରଯୁକ୍ତ ଖାଦ୍ୟ ମଳକୁ ଅଧିକ କଠିନ କରିଥାଏ। BRAT ଡାଏଟ୍ ଚେଷ୍ଟା କରନ୍ତୁ: (B)ଆନାନା, ଧଳା (R)ବରଫ, (A)ଆପଲ୍ସସ୍ ଏବଂ (T) ଓଷ୍ଟ। ଆଳୁ, ନୁଡୁଲ୍ସ, ଲିନ୍ ଗୋମାଂସ, ମାଛ ଏବଂ ଚକଡ଼ା ବିନା ଚିକେନ୍ କିମ୍ବା ଟର୍କି ମଧ୍ୟ ଭଲ ବିକଳ୍ପ। ଆରାମ ପାଇବା ପାଇଁ ଆପଣଙ୍କ ଖାଦ୍ୟ ପରିବର୍ତ୍ତନ କରିବା ଏକ ବଡ଼ ପାର୍ଥକ୍ୟ ଆଣିପାରେ। କ୍ୟାଫିନ ଏବଂ ମଦ୍ୟପାନ ପରିହାର କରନ୍ତୁ। କ୍ୟାଫିନ୍‌ଯୁକ୍ତ ଖାଦ୍ୟ ଏବଂ ପାନୀୟର ଏକ ହାଲୁକା ରୋଚକ ପ୍ରଭାବ ପଡ଼ିପାରେ ଯାହା ଡାଇରିଆକୁ ଆହୁରି ଖରାପ କରିଦିଏ। କଫି, ସୋଡା, କଠିନ ଚା/ଗ୍ରୀନ୍ ଚା ଏବଂ ଚକୋଲେଟ୍ ପରିହାର କରନ୍ତୁ। ମଦ୍ୟପାନ ପରିହାର କରନ୍ତୁ, ଯାହା ନିର୍ଜଳନର କାରଣ ହୋଇପାରେ। ଆପଣଙ୍କୁ ଗ୍ୟାସ୍ ଦେଉଥିବା ଖାଦ୍ୟ ଏବଂ ପାନୀୟ ବସ୍ତୁ ପରିହାର କରନ୍ତୁ। ପେଟ ଦରଜ ରୋକିବା ପାଇଁ ବିନ୍ସ, ବନ୍ଧାକୋବି, ବ୍ରୁସେଲ୍ସ ସ୍ପ୍ରାଉଟ୍ସ, ବିୟର ଏବଂ କାର୍ବୋନେଟେଡ୍ ପାନୀୟ ପରିହାର କରନ୍ତୁ। କେତେକ ସମୟରେ, ଡାଇରିଆ ଆପଣଙ୍କୁ ଅସ୍ଥାୟୀ ଭାବରେ ଲାକ୍ଟୋଜ୍ ଅସହିଷ୍ଣୁ କରିପାରେ। ଆପଣଙ୍କ ଡାଇରିଆ ଦୂର ନହେବା ପର୍ଯ୍ୟନ୍ତ କ୍ଷୀର ପରିହାର କରିବା ଏକ ଭଲ ଧାରଣା। ଯଦି ଘରୋଇ ଉପଚାରରେ ଡାଇରିଆରେ ଉନ୍ନତି ହେଉନାହିଁ କିମ୍ବା ଏହା ଗୁରୁତର ଡାଇରିଆର ଲକ୍ଷଣ ଦେଖାଉଛି ତାହେଲେ ଆପଣଙ୍କୁ ଜଣେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଦେଖା କରିବାକୁ ପଡିବ। ଆପଣଙ୍କ ଡାକ୍ତର କିଛି ଚିକିତ୍ସା ସୁପାରିଶ କରିପାରନ୍ତି: ଆଣ୍ଟିବାୟୋଟିକ୍ସ କିମ୍ବା ଆଣ୍ଟିପାରାସାଇଟିକ୍ସ। ଏହି ଔଷଧଗୁଡ଼ିକ ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁକୁ ମାରିଦିଏ, ଦୀର୍ଘକାଳୀନ ଅବସ୍ଥାର ଚିକିତ୍ସା କରୁଥିବା ଔଷଧ। ଡାଇରିଆ ସୃଷ୍ଟି କରୁଥିବା ଅନ୍ତର୍ନିହିତ ଅବସ୍ଥାର ଚିକିତ୍ସା, ଯେପରିକି ପ୍ରଦାହଜନକ ବାଓ୍ୱେଲ ରୋଗ (IBD) ଏବଂ (IBS), ସାହାଯ୍ୟ କରିପାରେ। ପ୍ରୋବାୟୋଟିକ୍ସ: ଡାଇରିଆ ମୁକାବିଲା କରିବା ପାଇଁ ପ୍ରୋବାୟୋଟିକ୍ସ ଆପଣଙ୍କ ଅନ୍ତନଳୀରେ ଭଲ ଜୀବାଣୁ ପ୍ରବେଶ କରାଏ। ଆପଣଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଆପଣଙ୍କୁ ସେଗୁଡ଼ିକୁ ଚେଷ୍ଟା କରିବାକୁ ପରାମର୍ଶ ଦେଇପାରନ୍ତି। ପ୍ରୋବାୟୋଟିକ୍ କିମ୍ବା କୌଣସି ସପ୍ଲିମେଣ୍ଟ ଆରମ୍ଭ କରିବା ପୂର୍ବରୁ ସର୍ବଦା ଆପଣଙ୍କ ପ୍ରଦାନକାରୀଙ୍କ ସହ କଥା ହୁଅନ୍ତୁ।

ଆପଣ ସବୁବେଳେ ଡାଇରିଆକୁ ରୋକିପାରିବେ ନାହିଁ, କିନ୍ତୁ ସଂକ୍ରମଣ କିମ୍ବା ଖାଦ୍ୟ ପ୍ରଦୂଷଣ ଯୋଗୁଁ ଆପଣ ଏହା ହେବାର ଆଶଙ୍କା କମ କରିପାରିବେ। ଭଲ ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ କରନ୍ତୁ: ବାଥରୁମ୍ ବ୍ୟବହାର କରିବା କିମ୍ବା ଖାଦ୍ୟ ପ୍ରସ୍ତୁତ କରି ଖାଇବା ପରେ ସାବୁନ ଏବଂ ପାଣିରେ ହାତ ଧୋଇବା। ଅନ୍ୟ ଏକ ବିକଳ୍ପ ହେଉଛି ହାତ ସାନିଟାଇଜର ବ୍ୟବହାର କରିବା। ଟିକା ନିଅନ୍ତୁ: ରୋଟାଭାଇରସ୍ ଟିକା ରୋଟାଭାଇରସ୍‌କୁ ଅଟକାଏ, ଯାହା ଡାଇରିଆର ଏକ ସାଧାରଣ କାରଣ। COVID-୧୯ ପାଇଁ ଟିକା ଆପଣଙ୍କୁ COVID ହେବା ଏବଂ ଡାଇରିଆ ସମେତ COVID ଲକ୍ଷଣ ଅନୁଭବ କରିବାର ବିପଦକୁ ହ୍ରାସ କରିପାରିବ।

ଖାଦ୍ୟକୁ ସଠିକ୍ ଭାବରେ ସଂରକ୍ଷଣ କରନ୍ତୁ: ସଠିକ୍ ତାପମାତ୍ରାରେ ଖାଦ୍ୟ ସଂରକ୍ଷଣ କରନ୍ତୁ, ଏବଂ ସମସ୍ତ ଖାଦ୍ୟ ସୁପାରିଶ କରାଯାଇଥିବା ତାପମାତ୍ରାରେ ପହଞ୍ଚିବା ପର୍ଯ୍ୟନ୍ତ ରାନ୍ଧନ୍ତୁ। ସେମାନଙ୍କର ମିଆଦ ଶେଷ ହେବା ତାରିଖ ପରେ ଖାଦ୍ୟ କିମ୍ବା ପାନୀୟ ଖାଇ ବିପଦ ନିଅନ୍ତୁ ନାହିଁ।

ଯାତ୍ରା କରିବା ସମୟରେ ଆପଣ କ'ଣ ପିଅନ୍ତି ତାହା ଦେଖନ୍ତୁ: ଯାତ୍ରା କରିବା ସମୟରେ ଅପରିଷ୍କାର ପାଣି ପିଅନ୍ତୁ ନାହିଁ। ନଳକୂପ ପାଣି, ବରଫ ଖଣ୍ଡ କିମ୍ବା ନଳକୂପ ପାଣିରେ ଦାନ୍ତ ଘଷିବା ଏଡାନ୍ତୁ। ଅଣଫୁଟା(unpasteurized) କ୍ଷୀର କିମ୍ବା ଜୁସ୍ ଉତ୍ପାଦରୁ ଦୂରେଇ ରୁହନ୍ତୁ। ପାଷ୍ଟୁରାଇଜେସନ୍ ଏକ ପ୍ରକ୍ରିୟା ଯାହା କିଛି ପାନୀୟରେ ଜୀବାଣୁକୁ ମାରିଦିଏ। ଯେତେବେଳେ ସନ୍ଦେହ ହୁଏ, ବୋତଲବନ୍ଦ ପାଣି କିମ୍ବା ପ୍ରଥମେ ଫୁଟାଯାଇଥିବା କିଛି ଜିନିଷ (କଫି କିମ୍ବା ଚା) ପିଅନ୍ତୁ। ଯାତ୍ରା କରିବା ସମୟରେ ଆପଣ କ'ଣ ଖାଆନ୍ତି ତାହା ଦେଖନ୍ତୁ। କଞ୍ଚା କିମ୍ବା କମ ରନ୍ଧା ମାଂସ (ଏବଂ ସେଲଫିସ୍), ଏବଂ କଞ୍ଚା ଫଳ ଏବଂ ପନିପରିବା ପରିହାର କରନ୍ତୁ। ଫଳ ଏବଂ ପନିପରିବା ସାଧାରଣତଃ ସୁସ୍ଥ ବିକଳ୍ପ, କିନ୍ତୁ ଚର୍ମରେ ଏପରି ଦୂଷିତ ପଦାର୍ଥ ଥାଇପାରେ ଯାହା ଆପଣଙ୍କୁ ଅସୁସ୍ଥ କରିପାରେ।

ବାଥରୁମ ଯିବା, ଝାଡ଼ା ଯିବା, ମଳତ୍ୟାଗ କରିବା - ଯାହାକୁହନ୍ତୁପଛେ , ମଳ ଜୀବନର ଏକ ନିୟମିତ ଅଂଶ। ଏହା ଏକ ବଡ଼ କାରଣ ଯେ ସେଥିପାଇଁ ଡାଇରିଆ ଏତେ ଅସହଜ। ଏହା ଆମର ସ୍ୱାଭାବିକତାକୁ ବିପର୍ଯ୍ୟସ୍ତ କରିଦିଏ। ସାଧାରଣତଃ, ଡାଇରିଆ ଏକ କ୍ଷଣସ୍ଥାୟୀ ଯାହା କିଛି ଦିନ ମଧ୍ୟରେ ସମାଧାନ ହୋଇଯାଏ। ଯଦି ଏହା ନହୁଏ, କିମ୍ବା ଯଦି ଆପଣ ଗୁରୁତର ଡାଇରିଆର ଲକ୍ଷଣ ଅନୁଭବ କରୁଛନ୍ତି, ତେବେ ଆପଣଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। ଏବଂ ଲଜ୍ଜିତ ହୁଅନ୍ତୁ ନାହିଁ। ଡାଇରିଆ ଏକ ସାଧାରଣ ଅବସ୍ଥା ଯାହା ବିଷୟରେ ଆପଣଙ୍କ ସ୍ୱାସ୍ଥ୍ୟ ସାଥି ସବୁକିଛି ଜାଣନ୍ତି। ସେମାନେ ଆପଣଙ୍କୁ ଶୀଘ୍ର ଆରାମ ପାଇବାର ସର୍ବୋତ୍ତମ ଉପାୟ ବିଷୟରେ ପରାମର୍ଶ ଦେଇପାରିବେ। ତେଣୁ ହେ ସୁଧିଜନେ

" ଆସିଲେ ବରଷା ଡାଇରିଆ କରେ ଛାନିଆ
ଭଲ ରଖ ତୁମ ପାଣି ଓ ଜଳଖିଆ
ଉଚ୍ଚିତ ସମୟରେ ନିଅ ପଦାର୍ଥ ଓଦାଳିଆ
କରି ନାହିଁ କରିବ ନାହିଁ ଡାଇରିଆ ଆଉ ଛାନିଆ"

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ରୋହିତ ଏବଂ କୋହଲିଙ୍କ ବିନା ଏସିଆ କପ୍-୨୦୨୫

**କୋଲକାତା**

ଏସିଆ କପ୍ ୯ ସେପ୍ଟେମ୍ବରରୁ ଆରମ୍ଭ ହେବ। ଏଥର ଏସିଆ କପ୍ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ବିନା ଖେଳାଯିବ। ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ୧୦ ସେପ୍ଟେମ୍ବରରୁ ଅଭିଯାନ ଆରମ୍ଭ କରିବ। ଯେଉଁଠାରେ ପ୍ରଥମ ମ୍ୟାଚ୍ ୟୁଏଇ ବିପକ୍ଷରେ ହେବ। ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହିତ ହେବ। ଏହି ମ୍ୟାଚ୍ ୧୪ ସେପ୍ଟେମ୍ବରରେ ହେବ। ଚଳିତ ବର୍ଷ ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେବାକୁ ଯାଉଛି। ଗତ ୨୧ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ହେବ ଯେତେବେଳେ କୋହଲି ଏବଂ ରୋହିତଙ୍କ ବିନା ଏସିଆ କପ୍ ଖେଳାଯିବ। ଭାରତୀୟ ଦଳ ୨୦୧୮ ଏବଂ ୨୦୨୩ ରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଏସିଆ କପ୍ ଟାଇଟଲ ଜିତିଥିଲା। ଭାରତୀୟ ଦଳର ଉଭୟ ଷ୍ଟାର ବ୍ୟାଟସମ୍ୟାନ୍ ରୋହିତ ଶର୍ମା ଏବଂ ବିରାଟ କୋହଲି ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି।

ବିରାଟ କୋହଲି ଏବଂ ରୋହିତ ଶର୍ମା ଗତ ୨୦ ବର୍ଷ ଧରି ଭାରତୀୟ ଦଳର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଆସିଛନ୍ତି। ଦୁହେଁ ନିଜ ବ୍ୟାଟିଂ ଦ୍ୱାରା ସାରା ବିଶ୍ୱକୁ ପ୍ରଭାବିତ କରିଛନ୍ତି। ଏହା ବ୍ୟତୀତ ଦୁହେଁ ଅନେକ ରେକର୍ଡ ମଧ୍ୟ କରିଛନ୍ତି। ଦୁହେଁ ମିଶି ୨୦୧୦ ମସିହାରେ ଭାରତୀୟ ଦଳକୁ ଏସିଆ କପର ଚାମ୍ପିଅନ କରାଇଥିଲେ। ରୋହିତ ୨୦୧୬ ମସିହାରେ ଚାମ୍ପିଅନ ହୋଇଥିବା ଦଳର ଅଂଶ ଥିଲେ। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ, ଭାରତୀୟ ଦଳ ୨୦୧୮ ଏବଂ ୨୦୨୩ ମସିହାରେ ଟାଇଟଲ ଜିତିଥିଲା। ୨୦୧୮ ମସିହାରେ, ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯିବା ପରେ, ରୋହିତ ଶର୍ମା ଦଳର ଦାୟିତ୍ୱ ନେଇଥିଲେ ଏବଂ ଦଳ ପାଇଁ ଟାଇଟଲ ଜିତିଥିଲେ। ୨୦୨୩ ମସିହାରେ, ଉଭୟ ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିଲେ। ଫାଇନାଲରେ ଶ୍ରୀଲଙ୍କାକୁ ପରାସ୍ତ କରି ଟାଇଟଲ ଜିତିଥିଲେ। ଟି-୨୦ ଏସିଆ କପରେ ସର୍ବାଧିକ ରନ୍ କରିବାର ରେକର୍ଡ ବିରାଟ କୋହଲିଙ୍କ ନାମରେ ଅଛି। ସେ ଏସିଆ କପରେ ୧୦ଟି ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୯ଟି ଇନିଂସରେ ୩ଟି ଅର୍ଦ୍ଧଶତକ ସହିତ ୪୨୯ ରନ କରିଛନ୍ତି। ରୋହିତ ଶର୍ମା ପ୍ରଥମ ଭାରତୀୟ ଖେଳାଳି ଯିଏ ଏକଦିବସୀୟରେ ଏସିଆ କପରେ ଦଶଥର ପଚାଶରୁ ଅଧିକ ରନ୍ କରିଛନ୍ତି। ଉଭୟ ଭାରତ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। କିନ୍ତୁ ଏବେ ଏସିଆ କପ ଉଭୟଙ୍କ ବିନା ଖେଳାଯିବ।

# କ୍ରିକେଟପ୍ରେମୀଙ୍କ ପାଇଁ ଖରାପ ଖବର !

**ନୂଆଦିଲ୍ଲୀ**

ବିରାଟ କୋହଲିଙ୍କ ଏକ ଫଟୋ ସାମ୍ନାକୁ ଆସିଛି, ଯାହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ସେ ପୂର୍ବରୁ ଟି-୨୦ରୁ ଏବଂ ଟେଷ୍ଟ ଫର୍ମାଟକୁ ମଧ୍ୟ ଅଲବିଦା କହିସାରିଛନ୍ତି। କେବଳ ଦିନିକିଆ ମ୍ୟାଚ ବାକି ଅଛି, ଯେଉଁଥିରେ ବିରାଟ ଖେଳୁଥିବାର ଦେଖାଯିବେ। ଏବେ ଏହି ଭାଇରାଲ ଫଟୋ ସହିତ, ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ପୂର୍ଣ୍ଣ ଅବସର ନେଇ କଳ୍ପନାଜଳ୍ପନା ଜୋର ଧରିଛି। ପ୍ରକୃତରେ ଭାଇରାଲ ଫଟୋରେ, କୋହଲି ଗୁଜରାଟ ଟାଇଟାନ୍ସର ସହାୟକ ପ୍ରଶିକ୍ଷକ ନଇମ ଅମିନଙ୍କ ସହିତ ଦେଖାଯାଇଛନ୍ତି।



ବିରାଟ କୋହଲି ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ନଇମ ଅମିନଙ୍କ ସହିତ ଏକ ଫଟୋ ଶେୟାର କରିଛନ୍ତି। କୋହଲିଙ୍କ ଧଳା ଦାଢ଼ି ମଧ୍ୟ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। କିଛି ଲୋକ ସୋସିଆଲ ମିଡିଆରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ବିରାଟ ତାଙ୍କ କ୍ୟାରିଅରରେ ସମ୍ପୂର୍ଣ୍ଣ ବିରାମ ଲଗାଇ ପାରନ୍ତି। ଏହି ଫଟୋରେ, ବିରାଟଙ୍କୁ ଏକ ଗ୍ରେ ଟି-ସାର୍ଟ ଏବଂ ନୀଳ ସର୍ଟସରେ ଦେଖିବାକୁ ମିଳିଥିଲା। ପୂର୍ବରୁ, ତାଙ୍କୁ ପୂର୍ବତନ କ୍ରିକେଟର ଶଶ କିରଣଙ୍କ ସହିତ ମଧ୍ୟ ଦେଖିବାକୁ ମିଳିଥିଲା, ଯେଉଁଥିରେ ବିରାଟଙ୍କ ଦାଢ଼ି ସମ୍ପୂର୍ଣ୍ଣ ଧଳା ଥିଲା। ଏହି ଧଳା ଦାଢ଼ି ଦେଖି ଗୁଜବ ଉଡ଼ିବା ଆରମ୍ଭ ହୋଇଥିଲା ଯେ ଏବେ ବିରାଟଙ୍କ ଏକଦିବସୀୟରୁ ଅବସର ବହୁତ ଦୂରରେ ନାହିଁ।

ଏହି ସମୟରେ, ଏକ ଅପଡେଟ ମଧ୍ୟ ଆସିଛି ଯେ ବିରାଟ କୋହଲି ଲଣ୍ଡନରେ ତାଙ୍କର ଓଡିଆଇ ପ୍ରତ୍ୟାବର୍ତ୍ତନ ପାଇଁ ଅଭ୍ୟାସ ଆରମ୍ଭ କରିଛନ୍ତି। ଯଦି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ବିରାଟ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଟିମ ଇଣ୍ଡିଆରେ ଯୋଗ ଦେଇପାରନ୍ତି। ଯେଉଁଠାରେ ଦୁଇ ଦଳ ମଧ୍ୟରେ ୩ ଟି ଓଡ଼ିଆଇ ମ୍ୟାଚ ଖେଳାଯିବାକୁ ଅଛି। ପୂର୍ବରୁ ତାଙ୍କର ପ୍ରତ୍ୟାବର୍ତ୍ତନ ଅଗଷ୍ଟରେ ବାଂଲାଦେଶ ବିପକ୍ଷ ସିରିଜରେ ହୋଇପାରିଥାନ୍ତା, କିନ୍ତୁ ସେହି ସିରିଜକୁ ଏବେ ସ୍ଥଗିତ ରଖାଯାଇଛି।

## ଓହରିଲେ ଆନ୍‌ସି

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଲଙ୍ଗ୍ ଜମ୍ପର ଆନ୍‌ସି ସୋଜାନ ପ୍ରଥମ ଇଣ୍ଡିଆନ୍ ଓପନ୍ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ଏସୀୟ କ୍ରୀଡ଼ାରେ ପଦ୍ମ ବିଜୟିନୀ ମାଂସପେଶୀ ଜନିତ ଆହତ ସମସ୍ୟା ଦେଖାଯିବାରୁ ସେ ଏହି ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ତାଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ସେ କହିଛନ୍ତି ଯେ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସମୟରେ ମୋ ଟେକ୍‌ଅଫ୍‌ରେ ଗୋଡ଼ ମାଂସପେଶୀ ଟାଣି ହୋଇଯାଇଥିଲା। ମୁଁ ସେତେବେଳେ ଭାବିଲି ଏହା ସାମାନ୍ୟ। କିନ୍ତୁ ଗତ ସୋମବାର ଅଭ୍ୟାସ ବେଳେ ଏହି ସମସ୍ୟା ପୁଣି ଦେଖାଦେଲା। ଯଦି ଏହା ଉପରେ ଅଧିକ ଜୋର ଦେବି ଆଗକୁ ବେଶୀ ଅସୁବିଧା ହେବ। ପୂରାଠିକ୍ ହୋଇ ନଥିବାରୁ ମୁଁ ଏହି ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନେଇଛି ବୋଲି ୨୪ ବର୍ଷୀୟା ଆନ୍‌ସି କହିଛନ୍ତି।

# ବିରାଟ କୋହଲି ବାଥ୍‌ରୁମ୍‌ରେ କାନ୍ଦୁଥିଲେ : ଚହଲ

**ନୂଆଦିଲ୍ଲୀ**

ଭେଟରାନ ଭାରତୀୟ ସ୍ପିନର ଯୁଜଭେନ୍ଦର ଚହଲ ବଡ଼ ଖୁଲାସା କରିଛନ୍ତି। ସେ କିଛି ଅଜଣା କାହାଣୀ ଉପରୁ ପରଦା ଉଠାଇଛନ୍ତି। ବିରାଟ କୋହଲି ଏକଦା ବାଥ୍‌ରୁମ୍‌ରେ କାନ୍ଦୁଥିବା ସେ ଦେଖିଥିବା ସମସ୍ତଙ୍କୁ ଜଣାଇଛନ୍ତି। ଚହଲଙ୍କ କହିବା କଥା ଯେ ୨୦୧୯ ବିଶ୍ୱକପ ସେମି ଫାଇନାଲରେ ନ୍ୟୁଜିଲାଣ୍ଡ ଠାରୁ ହାରିବା ପରେ ବିରାଟ କୋହଲିଙ୍କ ସମେତ ଜାତୀୟ ଟିମର ପ୍ରାୟ ସବୁ ଖେଳାଳି କାନ୍ଦୁ ଥିବା ସେ ଦେଖିଛନ୍ତି।



ବର୍ଷା ଭିଜା ୨୦୧୯ ସେମି ଫାଇନାଲରେ ଭାରତ ୧୮ ରନରେ ପରାସ୍ତ ହୋଇଥିଲା। ୨୪୦ ରନର ପିଛା କରୁଥିବା ବେଳେ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହି ସମୟର କଥା ଏବେ ଚହଲ ଗୋଟିଏ କାର୍ଯ୍ୟକ୍ରମରେ ପୂରା ବିଶ୍ୱକୁ ଜଣାଇଛନ୍ତି।

ବିରାଟ କୋହଲି ଓ ରୋହିତ ଶର୍ମାଙ୍କ କ୍ୟାପ୍ଟେନ୍ସିରେ ଥିବା ପାର୍ଥକ୍ୟ ସମ୍ପର୍କରେ ସେ ମୁହଁ ଖୋଲିବା ସହ ଭାରତୀୟ କ୍ରିକେଟ ଟିମ୍‌ର ଡ୍ରେସିଂ ରୁମ୍ ସହ ଜଡ଼ିତ କିଛି ଅକୁହା କଥା ସମ୍ପର୍କରେ ସୂଚନା ଦେଇଛନ୍ତି।

ଚହଲ କହିଛନ୍ତି, "ପଡ଼ିଆରେ ରୋହିତ ଭାଇ ଯେଉଁଭଳି ନିଜକୁ ଚିତ୍ରଣ କରନ୍ତି ମୁଁ ତା'କୁ ବେଶ୍ ପସନ୍ଦ କରେ। ସେ ଜଣେ ଭଲ ଅଧିନାୟକ। ବିରାଟ ଭାଇ ନିଜ ସହ ଅଲଗା ପ୍ରକାରର ଶକ୍ତି ନେଇ ଆସନ୍ତି। ପୂରା ଦିନ ସେହି ଉତ୍ସାହ ରହିଥାଏ। ଏହା ସମୟ କ୍ରମେ ବଢ଼େ, ଆଦୌ ଖସେ ନାହିଁ। ସମାନ ଉତ୍ସାହ ଓ ସବୁ ଦିନ।"

ବିରାଟ କୋହଲି କେବେ କାନ୍ଦିବାର ଆପଣ କେବେ ଦେଖିଛନ୍ତି ବୋଲି ପ୍ରଶ୍ନରେ ଚହଲ ୨୦୧୯ର କାହାଣୀ କହିଛନ୍ତି। ଚହଲ କହିଛନ୍ତି, "୨୦୧୯ ବିଶ୍ୱକପରେ ମୁଁ ତାଙ୍କୁ ବାଥ୍‌ରୁମ୍‌ରେ କାନ୍ଦିବାର ଦେଖିଛି। ସେହି ସମୟରେ ମୁଁ ଶେଷ ବ୍ୟାଟର ଥିଲି। ମୁଁ ଯେତେବେଳେ ତାଙ୍କୁ ଅତିକ୍ରମ କରି ବ୍ୟାଟିଂ କରିବାକୁ ଗଲି ସେତେବେଳେ ତାଙ୍କ ଆଖିରେ ଲୁହ ରହିଥିଲା। ୨୦୧୯ରେ ପ୍ରାୟ ସବୁ ଖେଳାଳି ବାଥ୍‌ରୁମ୍‌ରେ କାନ୍ଦିଥିବା ମୁଁ ଦେଖିଛି।"

୨୦୧୯ ବିଶ୍ୱକପ ସେମିରେ ଚହଲ ନିଜର ପ୍ରଦର୍ଶନକୁ ନେଇ ମଧ୍ୟ ଅନୁତପ୍ତ ଥିବା କହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସେମିରେ ସେ ୧୦ ଓଭରରେ ୬୩ ରନ ଦେଇ କେବଳ ଗୋଟିଏ ୱିକେଟ ପାଇଥିଲେ।

ଏ ସମ୍ପର୍କରେ ଚହଲ କହିଛନ୍ତି, "ସେମିଫାଇନାଲ ମାହି ଭାଇ(ମହେନ୍ଦ୍ର ସିଂହ ଧୋନି)ଙ୍କ ଶେଷ ମ୍ୟାଚ୍ ଥିଲା। ମୁଁ ଆହୁରି ଭଲ କରି ପାରିଥାଆନ୍ତି। ମୁଁ ଏବେ ବି ସେଥିପାଇଁ ଅନୁତପ୍ତ। ମୁଁ ଆଉ ଟିକିଏ ଭଲ ବୋଲିଂ କରିପାରି ଥାଆନ୍ତି। ଆଉ ୧୦ରୁ ୧୫ ରନ କମ ଖର୍ଚ୍ଚ କରି ପାରିଥାଆନ୍ତି। କିନ୍ତୁ ବେଳେବେଳେ ସବୁ କିଛି ଏତେ ଶୀଘ୍ର ହୋଇଯାଏ ଯେ ଆପଣଙ୍କୁ ଭାବିବାକୁ ଆଦୌ ସମୟ ମିଳେ ନାହିଁ।

ଯଦି ମୁଁ ଟିକିଏ ଶାନ୍ତ ରହିଥାଆନ୍ତି, ତା'ହେଲେ ଆଉ ଟିକିଏ ଭଲ ହୋଇପାରି ଥାଆନ୍ତା। ମୁଁ ମୋର ଶ୍ରେଷ୍ଠ ଦେଇଥିଲି। କିନ୍ତୁ ତା'ହା ସେମି ଫାଇନାଲ ଥିଲା। ବଡ଼ ମ୍ୟାଚ୍‌ରେ ନିଜର ଅତିରିକ୍ତ ୧୦ରୁ ୧୫% ଦେବାକୁ ପଡ଼ିଥାଏ।"

# ଧାମନଗର ଅଞ୍ଚଳ ମଠ, ମନ୍ଦିରରୁ ଚୋରି ଘଟଣାରେ ୩ ଦୋକାନୀ ଅଟକ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ଥାନା ଅଞ୍ଚଳରେ ଗତ ମାସେ ହେଲା ବିଭିନ୍ନ ମଠ ମନ୍ଦିରରୁ ଚୋରି ହୋଇଥିବା ଘଟଣାରେ ପୋଲିସକୁ ସଫଳତା ମିଳିଛି। ଚୋରଙ୍କଠାରୁ ବାସନକୁସନ ଓ ଅଳଙ୍କାର କିଣିଥିବା ୩ ଜଣ ଦୋକାନୀଙ୍କୁ ଧାମନଗର ପୋଲିସ ଉଠାଇ ଆଣିଥିଲା।

ଏଇ ମାସେ ହେଲା ଧାମନଗର ଓ ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ପ୍ରବଳ ଚୋରି ହେଉଥିଲା। ଚୋରମାନେ ମଠ, ମନ୍ଦିରକୁ ଟାର୍ଗେଟ କରୁଥିଲେ। ଜୁଲାଇ ୩୧ ରାତିରେ ଆନନ୍ଦପୁର ପଞ୍ଚାୟତ ଉତ୍ତରବାହିନୀ ମଠ ଜଗନ୍ନାଥ ମନ୍ଦିର ଓ ଅଳ୍ପ ଦୂରରେ ଥିବା ଭଣ୍ଡାରିପୋଖରୀ ଥାନା ଅଞ୍ଚଳ ସଠଗାଁ ହନୁମାନ ମନ୍ଦିରରୁ ଚୋରି ହୋଇଥିଲା। ତା ପୂର୍ବରୁ ଧାମନଗର ଥାନା ଅଧିନ ଆନନ୍ଦପୁର ପଞ୍ଚାୟତ ଉଦ୍ଧେଇପୁରରେ ଥିବା ଜାନକେଶ୍ୱର ମନ୍ଦିର, ଗାର୍ଲସ ହାଇସ୍କୁଲ ପାଖରେ ଥିବା ରାସ୍ତା କଡ଼ ହନୁମାନ ମନ୍ଦିର, ହାତିଡିଅ ସ୍କୁଲ ପଡ଼ିଆ ପାଖ ହର ମହାଦେବ ମନ୍ଦିର, ଖଡ଼ିପଦା ପଞ୍ଚାୟତ ଅଫିସ ପାଖ କାବେଶ୍ୱର ମନ୍ଦିର, ଦକ୍ଷିଣକୁରୁଆ ଛକ ମହାଦେବ ମନ୍ଦିର, ଦକ୍ଷିଣକୁରୁଆ ଗାଁ ମୁହଁରେ ଥିବା ଗ୍ରାମଦେବତୀ ଶଶିମୁଖି ମନ୍ଦିର, ଆନନ୍ଦପୁର ପଞ୍ଚମୁଖି ହନୁମାନ ମନ୍ଦିର, ମାନଲାପୁର ତାରିଣୀ ମନ୍ଦିର ଓ ଦଳାଙ୍ଗର ସନ୍ତୋଷୀ ମାଆ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଅଧିକାଂଶ ମନ୍ଦିରର କେହି ପରିଚାଳକ ନଥିବା କି କମିଟି ନଥିବାରୁ ଚୋରି ସଂପର୍କରେ ଏତଲା ମଧ୍ୟ ଦିଆଯାଇନାହିଁ।

ତେବେ ଉତ୍ତରବାହିନୀ ମଠର ପରିଚାଳକ ଅଜୟ କୁମାର ଦାସ ଅଭିଯୋଗ କରିଥିଲେ ଯେ, ଜୁଲାଇ ୩୧ ଗୁରୁବାର ରାତି ଓ ଶୁକ୍ରବାର ପାହାନ୍ତାରୁ କେହି ଦୁର୍ବୃତ୍ତ ମଠରୁ ବିଭିନ୍ନ ପୂଜା ସାମଗ୍ରୀ, ବାସନକୁସନ ଚୋରି କରି ନେଇଛନ୍ତି। ଏହାପରେ ଭଣ୍ଡାରିପୋଖରୀ ଓ ଧାମନଗର ଥାନା ପୋଲିସ ନିଜ ନିଜ ଥାନାରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ମିଳିତ ଭାବେ ତଦନ୍ତ ପରେ ଦୁଇ ଥାନା ପୋଲିସ ବିଭିନ୍ନ ଅଞ୍ଚଳରୁ ୩ ଦୋକାନୀକୁ ଉଠାଇ ଆଣିଥିଲେ। ରାଜ୍ୟ ସରକାରଙ୍କ ସିସିଟିଏନ୍‌ଏସ ୱେବସାଇଟ୍ ଦେଖିଲେ ଜଣାପଡ଼ିଛି ଯେ, ଧାମନଗର ଥାନାରେ ମାର୍ଚ୍ଚ ପହିଲାରୁ ଥାନା ଅଧିକାରୀ ଭାବେ ଗୋପାଳକୃଷ୍ଣ ଜେନା ଯୋଗଦେବା ପରଠାରୁ ଥାନା ଅଞ୍ଚଳରେ ଚୋରି ଡକାୟତି ଭଳି ଅପରାଧ ବଢ଼ିଯାଇଛି। ମାର୍ଚ୍ଚ ପହିଲାରୁ ଅଗଷ୍ଟ ପହିଲା ମଧ୍ୟରେ ଗତ ୫ ମାସରେ ୨୮ଟି ଚୋରି ଅଭିଯୋଗ ନେଇ ମାମଲା ରୁଜୁ ହୋଇଛି। ତା ଭିତରୁ ୫ଟି ଠାକୁର ମନ୍ଦିର ବା ଘରୁ ତାଲା ଭାଙ୍ଗି ଚୋରି ହୋଇଥିବା ମାମଲା ରହିଛି। ଧାମନଗର ଥାନା କେଶ୍ ନଂ. ୯୨,୧୪୦, ୧୭୬, ୨୦୪, ୨୩୧, ୨୭୮ ଓ ୨୮୨ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫ କିମ୍ବା ୩୦୫ (ଘ) ଓ ୩୩୧ରେ ମାମଲା ରୁଜୁ ହୋଇଛି। ବାକି ୨୩ଟି ମାମଲା ବିଏନ୍‌ଏସ୍ ଧାରା ୩୦୩ କିମ୍ବା ୩୦୩ (୨)ରେ ମାମଲା ରୁଜୁ ହୋଇଛି। ଏଭଳି ମାମଲାର ସଠିକ ତଦନ୍ତ ହେଉନାହିଁ କି ଚୋର ଧରାପଡୁନି। ପୋଲିସର ନିଷ୍କ୍ରିୟତା ଯୋଗୁଁ ଧାମନଗର ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଉଛି ବୋଲି ଅଭିଯୋଗ ହେଉଛି।

## ସଂସ୍କୃତ ଭାଷାର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଅଧକ୍ଷ ଡ଼ ମଥୁରି ଚରଣ ନାୟକଙ୍କ ପୌରୋହିତ୍ୟରେ ସଂସ୍କୃତ ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ପ୍ରଫେସର ସବିତା ଦାସ ଯୋଗଦେଇ ସଂସ୍କୃତ ଭାଷାର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ବିତୀୟ ଅଧିକାରୀ ଡ଼ ମମତା ସାହୁ ଦେବଭାଷା ସଂସ୍କୃତ୍ର ମହାନତା, ବିଷୟରେ ଆଲୋଚନା କରିବା ସହ ଏହାର ବହୁଳ ବ୍ୟବହାର କରିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟା ଡ଼ ପଦ୍ମଜା କବି ଶତପଥୀ ସଂସ୍କୃତ ଭାଷାର ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ହେବ ତାହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ, ସଂସ୍କୃତ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ।

# ବାଇକ୍ ସହ ମଦ ଜବତ : ୬ କୋର୍ଟ ଚାଲାଣ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଲଦିହ ଗ୍ରାମର ଗଗନ ସ୍ୱାଇଁଙ୍କ ଠାରୁ ୪୫ ଲିଟର ଦେଶୀ ମଦ, ତୁଳଶିପୁର ଗ୍ରାମର ଖଗେଶ୍ୱର ସ୍ୱାଇଁଙ୍କ ଠାରୁ ୪୦ ଲିଟର ଦେଶୀ ମଦ, ନୂଆଗାଉଁ ଗ୍ରାମର ଦେବାଶିଷ ବେହେରାଙ୍କ ଠାରୁ ୪୫ ଲିଟର ବିଦେଶୀ ମଦ, ତେର ଗାଉଁ ଗ୍ରାମରରଞ୍ଜନ ପରିଡା ଙ୍କ ଠାରୁ ୪୭ ଲିଟର ବିଦେଶୀ ମଦ ଏବଂ ପ୍ରକାଶ ଚନ୍ଦ୍ର ସାହାଣିଙ୍କ ଠାରୁ ୧୮ ଲିଟର ଦେଶୀ ମଦ, ବାଲିଶୁଆଁ ଗ୍ରାମର ବିଜ୍ଞାନ ଚୌଧୁରୀଙ୍କ ଠାରୁ ୪୧ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୨୩୬ ଲିଟର ଦେଶୀ ଓ ବିଦେଶୀ ମଦ ସହିତ ଏକ ମୋଟର ସାଇକେଲ ଜବତ କରାଯାଇ ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇ ଅଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରିକ୍ଷକ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।



# ସୁବର୍ଣ୍ଣପୁର ଜିଲ୍ଲାରେ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ବେଟି ବଚାଓ, ବେଟି ପଢ଼ାଓ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବିଭାଗର ଯୋଜନା ଗୁଡିକର ଜିଲ୍ଲାସ୍ତରୀୟ ଏକତ୍ରିକରଣ ବୈଠକ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଅଞ୍ଜଳୀନା ପ୍ରଧାନ, ଉପ- ଜିଲ୍ଲାପାଳ, ସୋନପୁର, ସୋମାରୁପା ରଥ, ସମ୍ପାଦକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲାର ସମସ୍ତ ସମ୍ନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଗୁଡିକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଏକତ୍ରିକରଣର ବୈଠକରେ ସମ୍ପାଦକ , ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ଓ ଉପସ୍ଥିତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ଗୁଡିକକୁ ବେଟି ବଚାଓ, ବେଟି ପଢାଓ ଯୋଜନା ସହିତ ଏକତ୍ରିକରଣ ବା ଉତ୍କୃଭଙ୍ଗରଙ୍କଶରଭମର କରିବା ପାଇଁ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ, ସୁବର୍ଣ୍ଣପୁର ଜିଲ୍ଲାରେ ବେଟି ବଚାଓ, ବେଟି ପଢାଓ ଯୋଜନା ସହିତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗ ଗୁଡିକର ଯୋଗ୍ୟ ଯୋଜନା ଗୁଡ଼ିକ ସହିତ ଏକତ୍ରୀକରଣ କରିବା ପାଇଁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର ପରାମର୍ଶ ଦେଇଥିଲେ। ଶେଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଆକାଂକ୍ଷା ହାଟ ଉଦଯାପିତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ନୀତି ଆୟୋଗର ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ସପ୍ତାହବ୍ୟାପୀ ଆୟୋଜିତ ହେଇଥିବା ଜିଲ୍ଲା ସ୍ତରୀୟ ଆକାଂକ୍ଷା ହାଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ଡ଼ିଏସ ସୁଭଦର୍ଶୀ ଯୋଶୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଗଜେନ୍ଦ୍ର କୁମାର ବେହେରା, ଉପନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପରିସଂଖ୍ୟନ, ଓରମାସର କ୍ଷିତୀଶ ବଳ, ପବିତ୍ର ମୋହନ ବାରା, ପଦ୍ମାବତୀ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୫ ଗୋଟି ଷ୍ଟଲ ପ୍ରଦର୍ଶିତ ହୋଇଥିବା ବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଏବଂ ଶ୍ରେଷ୍ଠ ୪ ଗୋଟି ଦଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କେନ୍ଦୁଝର ଜିଲ୍ଲାକୁ ଲିମ୍ଫାଟିକ ଫାଇଲେରିଆ ମୁକ୍ତ କରିବାକୁ ଆହ୍ୱାନ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ/ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରୁ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ଆଗାମି ଅଗଷ୍ଟ ୧୦ ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍ ?ଡିଏ) ଅନୁଷ୍ଠିତ ହେବ । ଏ ସଂକ୍ରାନ୍ତରେ ଏକ ଗଣମାଧ୍ୟମ କର୍ମଶାଳା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲାରେ ଅଗଷ୍ଟ ୮ତାରିଖରେ ଆୟୋଜନ କରାଯାଇଥିଲା । ଲିମ୍ଫାଟିକ ଫାଇଲେରିଆସିସ୍ ଦ୍ୱାରା ଦେଖାଦେଉଥିବା ଅବସ୍ଥା ଉପରେ ଆଲୋକପାତ କରୁଥିବା ସୂଚନା ଜନସାଧାରଣଙ୍କ ମଧ୍ୟରେ ପ୍ରଚାର ପ୍ରସାର ସୁନିଶ୍ଚିତ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା, ଯଦ୍ୱାରା ଜନସାଧାରଣ ଏହି ଗୁରୁତର ରୋଗ ସମ୍ପର୍କରେ ସଠିକ ସୂଚନା ପାଇପାରିବେ। ଏହି କର୍ମଶାଳା ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡାକ୍ତର ବିନୋଦ ବିହାରୀ ମିଶ୍ର, କହିଥିଲେ, "୨୦୨୭ ସୁଧା ଫାଇଲେରିଆର ନିରାକରଣ କରିବାକୁ ଭାରତର ପ୍ରତିବଦ୍ଧତାକୁ ମନ ମଧ୍ୟରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ପ୍ରୟାସ ଗୁଡିକ ଜାରି ରଖିବାର ଗୁରୁତ୍ୱକୁ ଗ୍ରହଣ କରି, ଲିମ୍ଫାଟିକ ଫାଇଲେରିଆସିସ୍ ମୂଳୋତ୍ପାଟନ କାର୍ଯ୍ୟକ୍ରମ ଅଧିନରେ ଓଡିଶା ସରକାର ଜିଲ୍ଲାରେ ଅଗଷ୍ଟ ୧୦ ରୁଏମ୍ ?ଡିଏ ପର୍ଯ୍ୟାୟ ଗୁଡିକ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ।"




ଏହି କାର୍ଯ୍ୟକ୍ରମ ଆମ ଜିଲ୍ଲାର ତିନୋଟି ପୌରପାଳିକା – କେନ୍ଦୁଝରଗଡ଼, ଯୋଡା, ବଡ଼ବିଲ ଏବଂ ତିନୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଦର (ପଦ୍ମପୁର), ବାସୁଦେବପୁର ଓ ଭଣ୍ଡାରେ ଅନୁଷ୍ଠିତ ହେବ । ନିରନ୍ତର ପ୍ରୟାସ ଯୋଗୁ ଜିଲ୍ଲାର ଅନ୍ୟସବୁ ଅଂଚଳ ଫାଇଲେରିଆ ନିରାକରଣ ପାଇଁ ଗୋଟିଏ ପାହାଚ ଅତିକ୍ରମ କରିସାରିଛନ୍ତି ଓ ସେଥିପାଇଁ ସେହିସବୁ ସ୍ଥାନଗୁଡିକରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଏହି ବର୍ଷ ହେବ ନାହିଁ ।

ଏହା ମଧ୍ୟ ସୁନିଶ୍ଚିତ କରାଯିବ ଯେ ଜିଲ୍ଲାରେ ସମସ୍ତ ଯୋଗ୍ୟ ହିତାଧିକାରୀ (୦୨ ବର୍ଷରୁ କମ୍ ?ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତ୍ୱର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ) ଆଶା, ଅଙ୍ଗନୱାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ । ସେ ମଧ୍ୟ ଗୁରୁତ୍ୱ ଦେଇ କହିଥିଲେ ଯେ, "ଏହ କାର୍ଯ୍ୟକ୍ରମ ଅଧୀନରେ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଫାଇଲେରିଆ ନିରାକରଣ ଦିଗରେ ପ୍ରତିବଦ୍ଧତା ସହିତ ଲୋକପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ ଏବଂ ଜନସମୁଦାୟ ଯେଭଳି ଫାଇଲେରିଆ ନିରାକରଣ କାର୍ଯ୍ୟକର୍ମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବେ, ତାହା ଅତ୍ୟନ୍ତ ଗଗୁରୁତ୍ୱପୂର୍ଣ୍ଣ ।" ଜିଲ୍ଲାରେ ମୁଖ୍ୟ ସହଭାଗୀ, ସ୍କୁଲ ଛାତ୍ରଛାତ୍ରୀ, ଆଇସିଡିଏସ୍ କର୍ମଚାରୀଙ୍କୁ ସଂପୃକ୍ତ କରି ଏହି କାର୍ଯ୍ୟକ୍ରମରେ ସାମାଜିକ ଅଂଶଗ୍ରହଣ ମଧ୍ୟ ଜିଲ୍ଲାରେ କାର୍ଯ୍ୟକ୍ରମକୁ ଅଧିକ ଭଲ ଭାବରେ କାର୍ଯ୍ୟକାରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତିଡାକ୍ତର ପୁଷ୍ପାରାଣୀ ପଟ୍ଟନାୟକ, ଏଡିପିଏଚ୍‌ଓ (ଭିବିଡି), କେନ୍ଦୁଝର, ଏକ ଉପସ୍ଥାପନା ଜରିଆରେ କହିଥିଲେ ଯେ, "ଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଯାହା କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ବ୍ୟାପୁଛି । ଏହା ଦୀର୍ଘସୂତ୍ରୀ ଅକ୍ଷମତା ସୃଷ୍ଟି କରିଥାଏ । ସାଧାରଣତଃ ପିଲାଦିନେ ଆକ୍ରାନ୍ତ କରୁଥିବା ଏହି ସଂକ୍ରମଣ ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରିଦେଉଛି ରୋଗର ଲକ୍ଷଣ ପ୍ରକାଶ ପାଇଲା ବେଳକୁ ୧୦-୧୨ ବର୍ଷ ଅତିକ୍ରମ କରିସାରିଥାଏ ଓ ଶରୀରର ବିଭିନ୍ନ ଅଂଶରେ ଅସ୍ୱାଭାବିକ ଫୁଲାସୃଷ୍ଟି କରିଥାଏ । ଫାଇଲେରିଆରେ ଆକ୍ରାନ୍ତ ଲୋକମାନେ ଅନେକ ସମୟରେ ହାଇଡ୍ରୋସିଲ, ଲିମ୍ଫୋଡେମା (ଅଙ୍ଗପ୍ରତ୍ୟଙ୍ଗ ଫୁଲିବା) ଇତ୍ୟାଦୀ ସମସ୍ୟାର ଶିକାର ହୋଇଥାନ୍ତି । ଏହି ପରିସ୍ଥିତି ଲିମ୍ଫାଟିକ ଫାଇଲେରିଆରେ ଆକ୍ରାନ୍ତ ଲୋକଙ୍କର ଜୀବିକା ଉପାର୍ଜନ, ସୁବିଧା ସୁଯୋଗ ଏବଂ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ ଏବଂ ଅନେକ ସମୟରେ ଏହା ସେମାନଙ୍କ ପାଇଁ ଏକ ସାମାଜିକ କଳଙ୍କ ହୋଇଥାଏ ।

# ଯାଜପୁରରେ ଜନ କଲ୍ୟାଣକାରୀ ଯୋଜନାର ସମୀକ୍ଷା କଲେ ମନ୍ତ୍ରୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ/ନ୍ୟୁଜ୍**

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ଼ା. କୃଷ୍ଣ ଚନ୍ଦ୍ର ମହାପାତ୍ର ଯାଜପୁର ଜିଲ୍ଲା ଗସ୍ତରେ ଆସି ଯାଜପୁର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଯାଜପୁର ଓ ବ୍ୟାସନଗର ମ୍ୟୁନିସିପାଲିଟିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସାଧାରଣ ଲୋକଙ୍କୁ ସେବା ଯୋଗାଇଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କିଛି ଦିନ ପୂର୍ବରୁ ଜିଲ୍ଲାରେ ହଇଜା ସଂକ୍ରମଣ ବ୍ୟାପକ ହୋଇଥିଲା। ଲୋକମାନଙ୍କର ଜୀବନ ସୁରକ୍ଷା ଆମର ଦାୟିତ୍ୱ। ୨୦୧୪ ମସିହା ଠାରୁ ପ୍ରଧାନ ମନ୍ତ୍ରୀ ସ୍ୱଚ୍ଛ ଭାରତକୁ ଗୁରୁତ୍ୱ ଦେଲେ। ସ୍ୱଚ୍ଛତା ହିଁ ସଭ୍ୟତା ଏହା ଆମର ପରିଚୟ। ଯାଜପୁର ସହରରେ ବିଭିନ୍ନ ସ୍ଥାନରେ ଅଳିଆ ଜମା ହୋଇ ରହୁଛି। ଡମ୍ପିଂ ୟାର୍ଡରୁ ଅଳିଆ ଯାଇ ନଦୀରେ ମିଶୁଛି। ଏହା ଦ୍ୱାରା ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସହରର ସ୍ଥିତିକୁ ସୁଧାରିବାକୁ ପଡ଼ିବ। ସମସ୍ତେ ମିଳିମିଶି କାମ କରିବା ଏବଂ ଲୋକଙ୍କୁ ମୌଳିକ ସେବା ଯୋଗାଇଦେବାକୁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ସହରର ପରିଷ୍କାର ପରିଚ୍ଛନ୍ନତା, ରାସ୍ତାଘାଟ ନିର୍ମାଣ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସହର ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଉପସ୍ଥିତ ରହି ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ପେଭର ରୋଡ, ଡ୍ରେନେଜ ବ୍ୟବସ୍ଥା, ସି.ଏଫ୍.ସି, ଏସ.ଏଫ୍.ସି ଫଣ୍ଡ ବିନିଯୋଗ, ଟ୍ୟାକ୍ସ କଲେକ୍ସନ, ସହରାଞ୍ଚଳ ପୋଖରୀ ଉନ୍ନତିକରଣ, ଗାରିମା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ, ସ୍ମାର୍ଟ ଏଲ.ଇ.ଡି ଷ୍ଟ୍ରିଟ ଲାଇଟ୍, ପାର୍କ, ଆହାର କେନ୍ଦ୍ର, ପି.ଏମ ସ୍ୱନିଧି, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ମଶା ନିରାକରଣ ତୈଳ ଉପଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ସକାଳେ ମନ୍ତ୍ରୀ ଡା. ମହାପାତ୍ର ବିରଜା ମା' ଙ୍କ ମନ୍ଦିର ଦର୍ଶନ କରି ୧୬ ନମ୍ବର ୱାର୍ଡର ସବର ସାହି ବୁଲି ଭୂମିହୀନ ପରିବାରଙ୍କ ସହିତ ଆଲୋଚନା କରିଥିଲେ। ପରେ ମହାବୀର ଜିମନାସିୟମ ଓ ହଂସିଆନାଳ ପରିଦର୍ଶନ କରିଥଲେ। ପରେ ବରାହ ମନ୍ଦିର, ମହାପ୍ରୟାଣ ଶ୍ମଶାନ ଓ ଡମ୍ପିଂ ୟାର୍ଡ ପରିଦର୍ଶନ କରିଥଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ, ଦେବୀ ପ୍ରସାଦ ମହାନ୍ତି, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ପାଢ଼ୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଅଗଷ୍ଟ ୨୦୨୫ ରବିବାର





# ଆସନ୍ତା ସ୍ୱାୟତ୍ତ ଶାସନ ଦିବସକୁ ଧୁମଧାମରେ ପାଳନ କରିବାକୁ ନିଷ୍ପତ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଅଗଷ୍ଟ ୩୧ ତାରିଖ ହେଉଛି ସ୍ୱାୟତ୍ତ ଶାସନ ଦିବସ ଓ ଚଳିତ ବର୍ଷ ଏହି ସ୍ୱାୟତ୍ତ ଶାସନ ଦିବସକୁ ସ୍ମରଣୀୟ ଭାବେ ପାଳନ କରିବାକୁ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି। ଏହି ଉତ୍ସବର ଏକ ଅଂଶ ଭାବରେ, ଅଗଷ୍ଟ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ରେ ଏକ ସପ୍ତାହ ବ୍ୟାପି ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଏବଂ ମାର୍ଗଦର୍ଶୀକା ଅନୁଯାୟୀ, ନାଗରିକଙ୍କ ଅଂଶଗ୍ରହଣ, ପରିବେଶ ସଚେତନତା, ସ୍ୱଚ୍ଛତା ଏବଂ ଗୋଷ୍ଠୀ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

ଯୋଜନା କରାଯାଇଥିବା ପ୍ରମୁଖ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ରହିଛି- ସହରାଂଚଳ ବୃକ୍ଷରୋପଣ ଅଭିଯାନ-'ଏକ ପେଡ୍ ମା କେ ନାମ', ଚାରା ରୋପଣ ପାଇଁ ଉପଯୁକ୍ତ ଜମି ଚିହ୍ନଟ, ଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନାଗରିକ ସମାଜକୁ ନେଇ ସଂପୃକ୍ତ ଅଂଚଳରେ ଉପଲବ୍ଧ ଚାରା, ସଚେତନତା ଶୋଭାଯାତ୍ରା ଓ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା । ଏହା ବ୍ୟତୀତ 'ଗ୍ରୀନ୍ ୱାର୍ଡ' ଅଭିଯାନର ଶୁଭାରମ୍ଭ, ଗୋଷ୍ଠୀ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଉପଯୁକ୍ତ ବ୍ରାଣ୍ଡିଂ ଏବଂ ମିଡିଆ କଭରେଜ୍, ପୌର ଯୋଗଦାନ ଏବଂ ସେବା ବିତରଣକୁ ମଜବୁତ କରିବା, ପରିମଳ କର୍ମଚାରୀଙ୍କ କଲ୍ୟାଣ ଏବଂ ଶ୍ରମିକଙ୍କ ମର୍ଯ୍ୟାଦା ପାଇଁ ଗରିମା ଆଇଇସି ଅଭିଯାନ , ସହଯୋଗ ଶିବିର 'ଘରେ ଘର ତିରଙ୍ଗା-ଘରେ ଘରେ ସ୍ୱଚ୍ଛତା' ଦେଶପ୍ରେମକୁ ସ୍ୱଚ୍ଛତା ଅଭିଯାନ ସହିତ ଯୋଡିବା ପାଇଁ ସକାଳ ସମୟରେ ପଥ ଉତ୍ସବ ଆୟୋଜନ କରି ଗୋଷ୍ଠୀ ମନୋରଞ୍ଜନ ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା । ଯୁବ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ଏହି କାର୍ଯ୍ୟକଳାପ ଆୟୋଜନ କରିବା ଓ କ୍ରୀଡ଼ା ଦିବସ କାର୍ଯ୍ୟକଳାପ ପାଇଁ ପଥ ପ୍ରଶସ୍ତ କରିବା ଓ ଚଳିତ ବର୍ଷ ଓଡ଼ିଶାର ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସକୁ ସରସ, ସୁନ୍ଦର, ଚିତ୍ତାକର୍ଷକ ଓ ସ୍ମରଣୀୟ କରିବା ପାଇଁ ଯୋଜନା ରହିଛି ।

# ଉତ୍ତରକାଶୀ ବିପର୍ଯ୍ୟୟ ପ୍ରଭାବିତଙ୍କ ପାଇଁ ପତଞ୍ଜଳି ପଠାଇଲା ରିଲିଫ୍ ସାମଗ୍ରୀ

**ହରିଦ୍ୱାର :**
ପତଞ୍ଜଳି ଯୋଗପୀଠ ଉତ୍ତରକାଶୀରେ ଘଟିଥିବା ଭୟଙ୍କର ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟର ହାତ ବଢାଇଛି । ପତଞ୍ଜଳି ଯୋଗପୀଠର ପରମାଧ୍ୟକ୍ଷ ସ୍ୱାମୀ ରାମଦେବ ଜୀ, ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ଏବଂ ପତଞ୍ଜଳି ଫୁଡ୍ସର ଏମ୍‌ଡି ରାମଭାରତ ଜୀ ପ୍ରଥମେ ଉତ୍ତରକାଶୀର ଧରାଲିକୁ ୩ ଟ୍ରକ ବିପର୍ଯ୍ୟୟ ରିଲିଫ୍ ସାମଗ୍ରୀ ପଠାଇଥିଲେ ଏବଂ ଏହି ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମସ୍ତ ଦେଶବାସୀଙ୍କୁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ୱାମୀ ରାମଦେବ ଜୀ କହିଥିଲେ ଯେ ଏହି ଦୁର୍ଘଟଣାରେ ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନଙ୍କ ଜୀବନ କେହି ଫେରାଇ ଆଣିପାରିବେ ନାହିଁ କିନ୍ତୁ ବନ୍ୟା ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହୋଇଥିବା ଲୋକଙ୍କ ପାଇଁ ପ୍ରାୟ ୫୦୦ ପରିବାରର ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ଯଥା ଅଟା, ଚାଉଳ, ଡାଲି, ଲୁଣ, ମସଲା, ବର୍ଷାରୁ ରକ୍ଷା ପାଇଁ ତାରପାଲିନ୍, ବାସନକୁସନ, ଟୁଥପେଷ୍ଟ, ବ୍ରଶ୍, ସାବୁନ ଇତ୍ୟାଦି ଧରାଲିର ହର୍ଷିଲକୁ ପଠାଯାଉଛି । ସେ କହିଛନ୍ତି ଯେ ପାଗ ଅନୁକୂଳ ହେଲେ



ବିପର୍ଯ୍ୟୟ ପୀଡିତଙ୍କୁ ଅଧିକ ସାହାଯ୍ୟ ଯୋଗାଇ ଦିଆଯିବ। ଏହି ଅବସରରେ ସେ କେବଳ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ନୁହେଁ ବରଂ ବଡ଼ ବଡ଼ ସ୍ୱଦେଶୀ କମ୍ପାନୀଗୁଡ଼ିକୁ ମଧ୍ୟ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଏହି କମ୍ପାନୀଗୁଡ଼ିକ କେବଳ ଟଙ୍କା ରୋଜଗାର କରିବା ପାଇଁ ଉତ୍ତରାଖଣ୍ଡକୁ ଆସନ୍ତି । ଏହି କମ୍ପାନୀଗୁଡିକ ବିପର୍ଯ୍ୟୟ ସମୟରେ ସେମାନଙ୍କୁ ସାହାଯ୍ୟର ହାତ ବଢାଇବା ଉଚିତ। ରକ୍ଷାବନ୍ଧନ ଅବସରରେ, ଯୋଗ ଗୁରୁ ସ୍ୱାମୀ ରାମଦେବ ଦେଶବାସୀଙ୍କୁ ଆମେରିକାର ଗୁଣ୍ଡାଗିରି ବିରୁଦ୍ଧରେ ଏକତ୍ର ହେବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ସମଗ୍ର ବିଶ୍ୱରେ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଗଠନ ହେଉଛି। ଏଥିରେ ବ୍ରିକ୍ସ ଦେଶ, ଭାରତ, ରୁଷ, ଚୀନ୍, ମଧ୍ୟପ୍ରାଚ୍ୟ, ୟୁରୋପ ଏବଂ ଏ-୭ ର କିଛି ଦେଶ ଏକାଠି ଆସୁଛନ୍ତି ଯାହା ଦ୍ୱାରା ଆମେରିକାର ଗୁଣ୍ଡାଗିରିର ମୁକାବିଲା କରାଯାଇପାରିବ ଏବଂ ଡଲାରର ସାମ୍ରାଜ୍ୟର ଅନ୍ତ କରାଯାଇପାରିବ। ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି ଯେ ରକ୍ଷାବନ୍ଧନ ଅବସରରେ, ଆମେ ସମ୍ପୂର୍ଣ୍ଣ ସ୍ୱଦେଶୀ ଗ୍ରହଣ କରିବାର ପ୍ରତିଜ୍ଞା ନେବା ଉଚିତ ଏବଂ ଭାରତର ଆର୍ଥିକ ଅବସ୍ଥାକୁ ମଜବୁତ କରିବା, ଟଙ୍କାକୁ ମଜବୁତ କରିବା ଏବଂ ଡଲାରର ଦୁଷ୍ଟଚକ୍ରକୁ ଭାଙ୍ଗିବା ପାଇଁ ପ୍ରତିଜ୍ଞା ନେବା ଉଚିତ। ଦୁର୍ଭାଗ୍ୟବଶତଃ, ଉତ୍ତରାଖଣ୍ଡରେ ଘଟିଥିବା ଭୟଙ୍କର ଦୁଃଖଦ ଘଟଣାରେ ଅନେକ ଲୋକ ପ୍ରାଣ ହରାଇଲେ। ସେହି ଦିନଠାରୁ ପତଞ୍ଜଳି ପରିବାର ସରକାର-ପ୍ରଶାସନ ଏବଂ ଭୂମି ସ୍ତରରେ ଯୋଗାଯୋଗରେ ଅଛି। ପ୍ରାୟ ୫୦୦ ପରିବାର ଏହି ଭୟଙ୍କର ଦୁଃଖଦ ଘଟଣା ଦ୍ୱାରା ବହୁତ ପ୍ରଭାବିତ ହୋଇଛନ୍ତି। ସେମାନଙ୍କୁ ମନେ ରଖି, ଆମେ ପ୍ରାରମ୍ଭରେ ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସାମଗ୍ରୀ ପଠାଉଛୁ। ପୂର୍ବରୁ ମଧ୍ୟ ପତଞ୍ଜଳି ବିପର୍ଯ୍ୟୟ ସମୟରେ ଦେଶବାସୀଙ୍କ ସହିତ ଠିଆ ହୋଇଛି। ଏହି ବିପର୍ଯ୍ୟୟ ସମୟରେ ମଧ୍ୟ, ପତଞ୍ଜଳି ପ୍ରଭାବିତ ଲୋକଙ୍କ ସହିତ ଅଛି। ପୂଜ୍ୟ ସ୍ୱାମୀ ଜୀଙ୍କ ନେତୃତ୍ୱରେ ତୁରନ୍ତ ପତଞ୍ଜଳିରୁ ରିଲିଫ୍ ସାମଗ୍ରୀ ପ୍ରଥମ କରି ପଠାଯାଉଛି। ଏହାପୂର୍ବରୁ ଶ୍ରାବଣୀ ଉପକର୍ମା, ରାକ୍ଷସଭାନ୍ ପର୍ବ ପତଞ୍ଜଳି ଯୋଗପୀଠରେ ପାଳନ କରାଯାଇଥିଲା ଯେଉଁଠାରେ ଭଉଣୀ ରେନୁ ଶ୍ରୀବାସ୍ତବ, ସାଧବୀ ଦେବପ୍ରିୟା, ଡକ୍ଟର ଋତାଭରା ଶାସ୍ତ୍ରୀ, ଭଉଣୀ ଅନସୁଲ, ଭଉଣୀ ପାରୁଲ ଏବଂ ପତଞ୍ଜଳି ଗୁରୁକୁଳମ୍ ଏବଂ ଆଚାର୍ଯ୍ୟକୁଳମ୍ ଏବଂ ସାନାସିନୀ ଭଉଣୀମାନେ ରାଖୀଙ୍କୁ ବାନ୍ଧିଥିଲେ। ଏହା ସହିତ, ପତଞ୍ଜଳି ଗୁରୁକୁଳମ୍ ଏବଂ ଆଚାର୍ଯ୍ୟକୁଳମ୍ ର ଛାତ୍ରମାନଙ୍କର ଉପନୟନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୋରାପୁଟରେ...

କୋଟିଆର ୧୭୮୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଥିଲେ, ଆମ ସରକାରଙ୍କ ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ସେମାନେ କେବଳ ଏକ ଭୋଟ ବ୍ୟାଙ୍କ ନୁହନ୍ତି। ପ୍ରାୟ ଦୁଇ ଦଶନ୍ଧି ଧରି ମହିଳା ସଶକ୍ତିକରଣ ନାଁ ରେ ରାଜ୍ୟର କୋଟି କୋଟି ମହିଳାଙ୍କୁ କେବଳ ରାଜନୈତିକ ପଶାପାଲିରେ ଗୋଟିଭାବେ ବ୍ୟବହାର କରାଯାଉଥିଲା। ଏହା ସମଗ୍ର ନାରୀ ସମାଜ ପାଇଁ ଅପମାନ। ଆମ ସରକାର ଆସିବାର ପ୍ରାୟ ଏକ ବର୍ଷ ମଧ୍ୟରେ ମହିଳା ସଶକ୍ତିକରଣକୁ ଏକ ନୂତନ ଦିଗନ୍ତ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହାର ଉଦାହରଣ ହେଉଛି, 'ଲକ୍ଷପତି ଦିଦି'। ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିକଳ୍ପିତ ଏହି ସଶକ୍ତିକରଣ କାର୍ଯ୍ୟକ୍ରମରେ ଆଜି ପର୍ଯ୍ୟନ୍ତ ଆମ ଓଡ଼ିଶାରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ସୁଭଦ୍ରା ଯୋଜନା ଅଧିନରେ ଆମର ମା'ମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ପ୍ଲସ, ଉଦ୍ୟୋଗୀ କରିବା ପାଇଁ ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକାରୀ କରାଯାଇଥିବା ବେଳେ କିଶୋରୀମାନଙ୍କ ପାଇଁ ସୁଭଦ୍ରା କିଶୋରୀ, ସଞ୍ଚୟ ପାଇଁ ସୁଭଦ୍ରା ସଞ୍ଚୟ, ସୁରକ୍ଷା ପାଇଁ ସୁଭଦ୍ରା ସୁରକ୍ଷା ଏବଂ ସାମୁହିକ ନେତୃତ୍ୱର ବିକାଶ ପାଇଁ ସୁଭଦ୍ରା ସଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି।

ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁନାହୁଁ ବରଂ ଶିକ୍ଷା, ଦକ୍ଷତା, ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ । ସୁଭଦ୍ରା ଯୋଜନାରେ ପ୍ରଦାନ କରାଯାଉଥିବା ସହାୟତାକୁ ପୁଞ୍ଜି ଭାବେ ବ୍ୟବହାର କରି ଆଜି ରାଜ୍ୟର ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଛୋଟ ବଡ ବ୍ୟବସାୟ ଆରମ୍ଭ କରି ନିଜ ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇ ପାରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନିଜ ଅଭିଭାଷଣରେ କହିଛନ୍ତି।

ଗୋଟିଏ ବର୍ଷ ତଳେ ମହିଳାଙ୍କ ଆଖିରେ ଯେଉଁ ବିଶ୍ୱାସ ଆମେ ଦେଖିଥିଲୁ, ସେ ବିଶ୍ୱାସ ଆଜି ଫଳପ୍ରଦ। ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା । ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଏବଂ ଏହା ସେମାନଙ୍କ ସାମାଜିକ ଅବସ୍ଥାକୁ ମଜଭୂତ କରିବା, ସଫଳତା ପାଇଁ ସାଧନ ଓ ସୁଯୋଗ ଆଦି ଯୋଗାଇବା ଦିଗରେ ସରକାରଙ୍କ ଦୃଢ ସଂକଳ୍ପକୁପ୍ରତିପାଦନ କରୁଅଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ଅବସରରେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟମନ୍ତ୍ରୀଙ୍କ ହାତରେ ସୁଭଦ୍ରା ରାଖୀ ବାନ୍ଧି ଏହି ସମାରୋହକୁ ପାରମ୍ପରିକ ଭାବେ ଅନୁଷ୍ଠାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଏକ କୋଟି ମହିଳା ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଥିଲେ। ଏଥି ସହିତ ମଞ୍ଚ ଉପରେ ସୁଭଦ୍ରା ଯୋଜନାରୁ ସଫଳତା ପାଇଥିବା ମହିଳାଙ୍କୁ ଓ ଏହି ଯୋଜନାକୁ ସଫଳ କରାଉଥିବା ମହିଳାଙ୍କୁ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ନବରଙ୍ଗପୁର ସାଂସଦ, ବଳଭଦ୍ର ମାଝୀ, ବିଧାୟକ ରଘୁରାମ ମାଛ, ନରସିଂହ ମାଡକାମୀ, ଗୌରୀ ଶଙ୍କର ମାଝୀ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତାର ମୂଲ୍ୟ...

ବାଧ କରିଥିଲା। ଏହି ଅବସରରେ ବାଚସ୍ପତି ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଭାଗିରଥୀ ମହାପାତ୍ର, ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନଗୋ, ରାଜକୃଷ୍ଣ ବୋଷ, ପ୍ରାଣକୃଷ୍ଣ ପଢ଼ିଆରୀ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଆଚାର୍ଯ୍ୟ ହରିହର, ସଦାଶିବ ତ୍ରିପାଠୀ, ମା' ରମାଦେବୀ, ସରଳା ଦେବୀ ପ୍ରମୁଖଙ୍କୁ ସ୍ମରଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଅଗଷ୍ଟ କ୍ରାନ୍ତିରେ ରାଜ୍ୟସ୍ତରୀୟ ସମାରୋହର ଆୟୋଜନ ହେବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିବା ସହ ପବିତ୍ର ରକ୍ଷାବନ୍ଧନ ଅବସରରେ ଉପସ୍ଥିତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଦେଶ ପାଇଁ ତ୍ୟାଗ ଓ ବଳିଦାନ ଆମ ସମସ୍ତଙ୍କର ପ୍ରେରଣା ବୋଲି କହିଥିଲେ । ବିରୋଧୀଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ, ଶୋଭନୀୟ ଆନ୍ଦୋଳନର ଅଧକ୍ଷା ଡ. ଅରୁନ୍ଧତୀ ଦେବୀ, ସମାଜସେବୀ ମଧୁ ଭାଇ, କର୍ଣ୍ଣେଲ ଶରତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇଥିଲେ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ସଂଯୋଜନା କରିଥିବାବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜାତୀୟ ପତାକା ସ୍ତମ୍ଭରେ ରକ୍ଷାବନ୍ଧନ କରାଯାଇଥିଲା। ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରି ସେହି ସ୍ତମ୍ଭରେ ରାଖୀ ବାନ୍ଧିଥିଲେ। ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ତନୟା ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ରାମଧୂନ ଏବଂ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବାଦ୍ୟଧ୍ୱନି ପରିବେଷଣ କରାଯାଇଥିଲା।

## କୁନି କୁନି ...

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦିଲ୍ଲୀସ୍ଥିତ ତାଙ୍କ ବାସଭବନ ୭ ଲୋକ କଲ୍ୟାଣ ମାର୍ଗରେ ରକ୍ଷା ବନ୍ଧନ ପାଳନ କରିଥିଲେ। ଏହି ସମୟରେ ବ୍ରହ୍ମା କୁମାରୀ ଦିଦି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରାଖୀ ବାନ୍ଧିଥିଲେ। ଏହା ବ୍ୟତୀତ ଛୋଟ ଝିଅମାନେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରାଖୀ ବାନ୍ଧିଥିଲେ। ପ୍ରଧାନମନ୍ତ୍ରୀ ସ୍କୁଲ ପୋଷାକ ପିନ୍ଧିଥିବା ସ୍କୁଲ ଝିଅମାନଙ୍କ ସହିତ ହୃଦୟସ୍ପର୍ଶୀ ଫଟୋ ଉଠାଇଥିଲେ।

## ବନ୍ଦ ହୋଇଯିବ...

ଟଙ୍କା ନୋଟ୍ ବଣ୍ଟନ କରିବେ। ଏହା ପରେ, ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଏହି ସଂଖ୍ୟା ୯୦% ପହଞ୍ଚିବା ଉଚିତ। ଏହି ପଦକ୍ଷେପ ୫୦୦ ଟଙ୍କିଆ ନୋଟ୍ ବଦଳାଇବା ପାଇଁ ନୁହେଁ। ଏହାର ଉଦ୍ଦେଶ୍ୟ ହେଉଛି ଦୈନନ୍ଦିନ ବ୍ୟବହାର ପାଇଁ କମ୍ ମୂଲ୍ୟର ନୋଟ୍ ଉପଲବ୍ଧତା ବୃଦ୍ଧି କରିବା।

## ଅପରେସନ ସିନ୍ଦୂର'ରେ ...

ଏଫ-୧୬ ଯୁଦ୍ଧବିମାନକୁ ନଷ୍ଟ କରିଦିଆଯାଇଥିଲା। ଏହି ବିମାନ ପାର୍କିଂରେ ଥିଲା। କିନ୍ତୁ ନିର୍ଭୁଲ ଗୁଇନ୍ଦା ତଥ୍ୟ ଆଧାରରେ ଭାରତୀୟ ସେନା ସେଠାରେ ଆକ୍ରମଣ କରିଥିଲା। ସେହିଭଳି ଭୋଲାରି ବିମାନଘାଟିରେ ମଧ୍ୟ ଗୋଟିଏ ଏଇଡବ୍ଲ୍ୟୁଆଣ୍ଡସି/ଇଏଲଆଇଏନଟି ବିମାନକୁ ନଷ୍ଟ କରାଯାଇଛି। ଏସବୁରୁ ସ୍ପଷ୍ଟ ହୋଇଛି ଯେ, ଭାରତ ନିକଟରେ ଶତ୍ରୁଙ୍କ ଗତିବିଧିର ସଠିକ୍ ତଥ୍ୟ ଥିଲା। ଠିକ୍ ସମୟରେ ତାହାର ବ୍ୟବହାର କରାଯାଇଥିଲା।

## ରାଖୀ ପୂର୍ଣ୍ଣିମାରେ ...

ହରମିନ୍ଦର ସିଂହ । ସୂତ୍ର ଅନୁସାରେ ଘଞ୍ଚ ଜଙ୍ଗଲ ଗୁମ୍ଫାରେ ଅନେକ ଆତଙ୍କବାଦୀ ଲୁଚି ରହିଥିବାରୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

## ୧୪ ପର୍ଯ୍ୟନ୍ତ ...

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କ୍ଷେତ୍ରରେ ଗଞ୍ଜାମ ପୋଲିସ ଜିଲ୍ଲା ୧୦ ଟି ବନ୍ଧୁକ ଜବତ କରିବା ସହ ୧୩ ଜଣଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ପୋଲିସ ଜିଲ୍ଲା ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତା' ନିକଟରୁ ଏକକାଳୀନ ୧୦ ଟି ବନ୍ଧୁକ ଜବତ କରିଛି। ଏନଡିପିଏସ ମାମଲାରେ କନ୍ଧମାଳ ପୋଲିସ ୫୩୫ କେଜି ଜବତ କରିବା ସହ ୧୫ ଜଣଙ୍କୁ ଗିରଫ କରିଛି। ଅବକାରୀ ମାମଲାରେ କେନ୍ଦୁଝର ପୋଲିସ ଜିଲ୍ଲା ସର୍ବାଧିକ ୧୦୭ଟି ମାମଲା ରୁଜୁ କରିଥିବା ବେଳେ ୧୫୦୯ ଲିଟର ମଦ ଜବତ କରିଛି। ସେହିପରି ଜୁଆ ଆଡ୍ଡା ଉପରେ ଚଢ଼ଉ କ୍ଷେତ୍ରରେ ରାଉରକେଲା ଜିଲ୍ଲା ପୋଲିସ ୩ ଟି ମାମଲା ରୁଜୁ କରି ୧,୪୮,୩୩୦ ଟଙ୍କା ଜବତ କରିବା ସହ ୧୭ ଜଣଙ୍କୁ ଗିରଫ କରିଛି। ସାଧାରଣ ଲୋକଙ୍କୁ ସେବା ଓ ସୁରକ୍ଷା ଯୋଗାଇ ଦେବାକୁ ଓଡିଶା ପୋଲିସ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ମଧ୍ୟ ଅପରାଧ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଏହିପରି ଅଭିଯାନ ଜାରି ରହିବ ବୋଲି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର କହିଛନ୍ତି। ଅପରେସନ ଗରୁଡ଼ ଆଗକୁ ଜାରି ରହିବ ବୋଲି କହିଛନ୍ତି ଏଡିଜି ସଂଜୟ କୁମାର। ଶନିବାର ସାମ୍ବାଦିକ ସମ୍ମିଳନୀରେ ଏଡିଜି କହିଛନ୍ତି ଅପରେସନରେ ବିହାରର ଜଣେ କୁଖ୍ୟାତ ଅପରାଧୀ ସହ ୧୨୯ ଜଣଙ୍କୁ ଗିରଫ କରାଯାଇଛି। ବିଭିନ୍ନ ସ୍ଥାନରୁ ବିପୁଳ ମଦ, କଫ ସିରପ୍, ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସମ୍ବଲପୁରରୁ ୧୩୦୦ କଫ ସିରପ ଜବତ କରାଯାଇଛି। ମଦ୍ୟପଙ୍କୁ ସାବାଡ଼ ସହ ୧୧୫ଟି ମାମଲା ରୁଜୁ ହୋଇଛି ଏବଂ ୧୧୫ଟି ଗାଡ଼ି ଜବତ ହୋଇଛି। ଓଡ଼ିଶା ପୋଲିସ ସାଧାରଣ ଲୋକଙ୍କୁ ସେବା ଓ ସୁରକ୍ଷା ଯୋଗାଇବା ଲକ୍ଷ୍ୟ ରଖିଛି । ଅପରାଧୀମାନଙ୍କୁ ଗିରଫ କରି ଜେଲ୍‌ରେ ପୂରାଯିବ। ଡ୍ରଗ୍ସକୁ ପ୍ରୋତ୍ସାହିତ କରାଯିବ ନାହିଁ, ନୋ ଡ୍ରଗ୍ସ ଅଭିଯାନ ଜୋରଦାର୍ ହେବ। ଅଧିକ ସିସିଟିଭି ଲଗାଇବାକୁ ଗୁରୁତ୍ୱ ଦିଆଯିବ ବୋଲି ଏଡିଜି ସଞ୍ଜୟ କୁମାର କହିଛନ୍ତି।

# ଆଦିବାସୀ ଛାତ୍ରଛାତ୍ରୀଙ୍କ ବର୍ଦ୍ଧିତ ଷ୍ଟାଇପେଣ୍ଡ୍ କାଟିଦେଲେ : ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟ ସରକାର ଗତ ୧୩ ମାସ ଶାସନ ସମୟରେ ଆଦିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି । ଯେଉଁଥିପାଇଁ ଆଦିବାସୀ ଭାଇଭଉଣୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଜୁ ଜନତା ଦଳର ଆଦିବାସୀ ସେଲ୍ର ଆବାହକତ୍ୱରେ ଆଜି ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ଶଙ୍ଖ ଭବନରେ ପାଳନ ହୋଇଥିଲା । ଆଜି ସକାଳୁ ଭଗବାନ ବିର୍ସା ମୁଣ୍ଡାଙ୍କ ସମେତ ବହୁ ଆଦିବାସୀ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା । ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମକୁ ଆଦିବାସୀ ସେଲ୍ର ଅଧ୍ୟକ୍ଷ ଶ୍ରୀ ମଙ୍ଗଳା କିଷାନ ଅଧ୍ୟକ୍ଷତା କରିଥିବା ବେଳେ ମିଡିଆ ସଂଯୋଜକ ତଥା ଆଦିବାସୀ ନେତା ଡ଼ ପ୍ରିୟବ୍ରତ ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ଶ୍ରୀ ଦେବୀ ପ୍ରସାଦ ମିଶ୍ର, ଶ୍ରୀ ପ୍ରତାପ ଜେନା, ଶ୍ରୀ ଅଶୋକ ପଣ୍ଡା, ଶ୍ରୀ ସଞ୍ଜୟ କୁମାର ଦାସବର୍ମା, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଶ୍ରୀ ମଙ୍ଗଳା କିଷାନ, ଶ୍ରୀ ସୁଦାମ ମାରାଣ୍ଡି, ଶ୍ରୀ ସୁଶାନ୍ତ ରାଉତ, ଶ୍ରୀମତୀ ସୁଲୋଚନା ଦାସ, ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ, ଶ୍ରୀମତୀ ମଞ୍ଜୁଲତା କହଁର, ଶ୍ରୀ ମନ୍ମଥ ରାଉତରାୟ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀ ପ୍ରଦୀପ ଦିଶାରୀ, ଡ଼ ଲେନିନ୍ ମହାନ୍ତି, ଶ୍ରୀ ତୁମ୍ବନାଥ ପଣ୍ଡା, ଶ୍ରୀ ଅରୂପ ଶ୍ରୀଚନ୍ଦନ, ସୋଫିଆ ଆଲାମ, ଶ୍ରୀ ବିଜୟ ନାୟକ, ଶ୍ରୀ ନାରାୟଣ ଜେନା, ଶ୍ରୀମତୀ ଭାରତୀ ସିଂ, ଶ୍ରୀମତୀ ବାସନ୍ତୀ ସିଂ, ଶ୍ରୀ ସାଲକାନ୍ କିସ୍କୁ, ଶ୍ରୀ କାରୁ ମୁର୍ମୁ ପ୍ରମୁଖ ଯୋଗଦେଇ ଆଦିବାସୀ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସେଲ୍ର ଆବାହକ ଶ୍ରୀ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ଶ୍ରୀ ସୁଦାମ ମାରାଣ୍ଡି ଓ ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସରକାରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ବର୍ଷିଥିଲେ ।

ଶ୍ରୀ ମଙ୍ଗଳା କିଷାନ କହିଥିଲେ, ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ରାଜ୍ୟରେ ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଥିବା ବେଳେ, ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି । ସରକାର ଆଦିବାସୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯାଇ ଆଦିବାସୀ କଲ୍ୟାଣ ବିଭାଗର ବଜେଟ୍ କାଟ୍, ଆଦିବାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ୍ ବନ୍ଦ ଭଳି ଆଦିବାସୀ ବିରୋଧୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ ହେବ ।

ଶ୍ରୀ ମାରାଣ୍ଡି କହିଥିଲେ, ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ସହ ଆଦିବାସୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଉଥିବା ବେଳେ ରାଜ୍ୟ ସରକାର ଏହି ଦିବସକୁ ଭୁଲିଗଲେଣି । ଜଣେ ଆଦିବାସୀ ଭାଇ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ମଧ୍ୟ ଆଜିର ଦିନରେ ଆଦିବାସୀ ସମାଜ ପାଇଁ ଗୋଟିଏ ବାର୍ତ୍ତା ନ ଦେବା ଦୁର୍ଭାଗ୍ୟର ବିଷୟ । ରାଜ୍ୟରେ ପ୍ରତିଦିନ ଆଦିବାସୀ ମହିଳା ଓ ଛାତ୍ରୀମାନେ ଦୁଷ୍କର୍ମର ଶିକାର ହେଉଥିବା ବେଳେ ସରକାରୀ ଛାତ୍ରାବାସରେ ଆଦିବାସୀ ଛାତ୍ରୀମାନେ ଗର୍ଭବତୀ ହେବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ।

ଡ଼ ମାଝୀ କହିଥିଲେ, ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷାରେ ୩୮.୫% ସଂରକ୍ଷଣ ମିଳୁ। ହୋ, ମୁଣ୍ଡାରି, ଭୂମିଜ, କୁଇ ଓ ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହିତ ୧୩୫ ଆଦିବାସୀ ସମ୍ପ୍ରଦାୟକୁ ଆଦିବାସୀ ଜନଜାତିରେ ସାମିଲ କରିବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନିଅନ୍ତୁ । କାର୍ଯ୍ୟକ୍ରମ ଶେଷରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତ୍ତନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ

**ବ୍ରହ୍ମପୁର/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
୨୦୩୬ ମସିହାରେ ଓଡ଼ିଶା ଭାଷାଭିତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ । ଏହି ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ଓ ସାର୍ଟିଫିକେଟ୍ ଦେବାରେ ସୀମିତ ନରହି ଗବେଷଣା ମାଧ୍ୟମରେ ନବସୃଜନର କଳ୍ପନା କରିବା ଉଚିତ୍ ବୋଲି ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତନ ଉତ୍ସବରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ପବିତ୍ର ରାଖୀ ପୂର୍ଣ୍ଣିମା ଏବଂ ବିଶ୍ୱ ଆଦିବାସୀ ଦିବସ ମଧ୍ୟ । କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନର କେନ୍ଦ୍ରସ୍ଥଳୀ ଗଞ୍ଜାମ ଜିଲ୍ଲା ଜନଜାତି ମାନଙ୍କର ମୂଳ ପେଣ୍ଠସ୍ଥଳ । ବୀର ଚକରା ବିଶୋୟୀ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ଓ ବିଶ୍ୱନାଥ ଦାଶଙ୍କ ପରି ମହାପୁରୁଷମାନେ ଏହି ମାଟିରେ ଜନ୍ମନେଇ ଗଞ୍ଜାମ ମାଟିକୁ ପବିତ୍ର କରିଛନ୍ତି । ଓଡ଼ିଶାର ଭାଷା ଆନ୍ଦୋଳନ, ସାହିତ୍ୟ ଆନ୍ଦୋଳନ ସହ ଶ୍ରମଜୀବୀଙ୍କ କ୍ଷେତ୍ରରେ ନୂଆ ବେଂଚମାର୍କ ତିଆରି କରିବାରେ ଗଞ୍ଜାମର ଅବଦାନ ବହୁତ ଅଧିକ । ଜିଲ୍ଲାର ପରିଶ୍ରମୀ ଲୋକଙ୍କ ହାତରେ ଗୁଜୁରାଟର ସୁରତ ସମେତ ଆମ ରାଜ୍ୟ ଓ ଦେଶର ଅର୍ଥନୀତି ମଜଭୂତ୍ ହୋଇଛି । ତେଣୁ ଏଠାରେ ଲୋକମାନଙ୍କୁ ବାହାରକୁ ନହେଁ ବରଂ ସେମାନଙ୍କର ରୋଜଗାର ବ୍ୟବସ୍ଥା କରାଇବା ପାଇଁ ଦାୟିତ୍ୱ ନେବା ଦରକାର । ଓଡ଼ିଆ ଯୁବକଙ୍କୁ ସୁଯୋଗ ଦେଲେ ସେମାନେ ସବୁ କାମ କରିପାରିବେ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ସହ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ପିଏମ୍ ଉଷା ଯୋଜନାରେ ୧୦୦ କୋଟି ଟଙ୍କା ସମେତ ରାଜ୍ୟ ବଜେଟରୁ ୭୫ କୋଟି ଟଙ୍କା ଦେଇଛନ୍ତି । ସବୁ ଯୋଜନାକୁ ମିଶାଇଲେ ପ୍ରାୟ ୨୦୦ କୋଟି ଟଙ୍କା ଏହି ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଛି, ଯାହା ଖୁସିର ବିଷୟ । ସେ କହିଛନ୍ତି ଯେ ଦେଶରେ ଜାତୀୟ ଶିକ୍ଷା ନୀତି -୨୦୨୦ ଲାଗୁ ହୋଇଛି ଏବଂ ଏହି ଶିକ୍ଷା ନୀତି କାର୍ଯ୍ୟକାରୀ ହେବାର ୫ ବର୍ଷ ପୂର୍ତ୍ତି ହୋଇଛି । ବ୍ରହ୍ମପୁର ଓ ଏହାର ଆଖପାଖ ଅଂଚଳରେ ଗୁଣାତ୍ମକ ଉଚ୍ଚ ଶିକ୍ଷାନୁଷ୍ଠାନ ସବୁ ରହିଛି । ଆଇଜର ବ୍ରହ୍ମପୁର, ଏମକେସିଜି ମେଡିକାଲ କଲେଜ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, କଲେଜ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟସ୍, ଖଲ୍ଲିକୋଟ, ଆର୍ମି ଡିଫେନ୍ସ କଲେଜ, କଲେଜ ଅଫ ଫିସରିଜ ଭଳି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ରହିଛି । ଏଠାରେ ବିରଳ ମୂର୍ତ୍ତିକାର ଖଣିଜ ପଦାର୍ଥ ଓ ଗୋପାଳପୁର ଭଳି ବନ୍ଦର ଅଛି । ପର୍ଯ୍ୟଟନର ଅପାର ସମ୍ଭାବନା ମଧ୍ୟ ରହିଛି। ଏ ଅଂଚଳର ସମ୍ଭାବନାକୁ ଆଧାର କରି ବ୍ରହ୍ମପୁରକୁ ନ୍ୟୁ ଏଜ୍ ଇକେନୋମୀ ବା ନୂଆ ସମୟର ଅର୍ଥନୀତି କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହାସହ ବିକଶିତ ଗଞ୍ଜାମ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ଏବଂ ବ୍ରହ୍ମପୁରକୁ ଅର୍ଥନୈତିକ ଓ ଜ୍ଞାନର ପେଣ୍ଠସ୍ଥଳ କରିବା ଦିଗରେ ସହଯୋଗୀ ହେବ ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ, ଆଜିର ଶୁଭ ଅବସରରେ ଦେଶର ବିଶିଷ୍ଟ ବୈଜ୍ଞାନିକ ତଥା ଭାରତର କ୍ଷେପଣାସ୍ତ୍ର ମହିଳା ଡକ୍ଟର ଟେସୀ ଥୋମସ, ମିଲେଟ୍ ରାଣୀ ରାଇମତି ଘିଉରିଆ ଏବଂ ବୈଜ୍ଞାନିକ ଡକ୍ଟର ଅଜିତ୍ କୁମାର ମହାନ୍ତି ସମ୍ମାନିତ ହୋଇଥିବାରୁ ଅଭିନନ୍ଦନ । ଏହି ବ୍ୟକ୍ତିବିଶେଷମାନେ ଆମ ଦେଶକୁ ଗର୍ବିତ କରିଛନ୍ତି । ପିଏଚଡ଼ି ଓ ସ୍ନାତକଧାରୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ଏହି ସମାବର୍ତନ ଉତ୍ସବ ନୂତନ ଯାତ୍ରାର ଅୟମାରମ୍ଭ ଏବଂ ଡିଗ୍ରି ଲାଭ କରୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ହେଉଛନ୍ତି ଜଣେ ପରିବର୍ତନର ବାହକ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିକ୍ଷାତ୍ମକ ଭବନ - ୧ର ଉଦଘାଟନ କରିଥିଲେ । ଏହାସହ ବହୁମୁଖୀ ଶିକ୍ଷା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ) ଯୋଜନା ଅନ୍ତର୍ଭୁକ୍ତ ପ୍ରକଳ୍ପ ସମୂହ ଯଥା ଗବେଷକ ଓ ଗବେଷିକା ଛାତ୍ରାବାସ, ସ୍ନାତକୋତ୍ତର ଛାତ୍ରାବାସ ଓ ଛାତ୍ରୀ ନିବାସ, ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ସଂଗ୍ରହାଳୟ ପାଇଁ ବହୁଉଦ୍ଦେଶ୍ୟ ସାଧନ କେନ୍ଦ୍ର, କେନ୍ଦ୍ରୀୟ କମ୍ପ୍ୟୁଟର ପରୀକ୍ଷାଗାର, ନୂତନ ସାମାଜିକ ବିଜ୍ଞାନ ଏବଂ ମାନସିକ ବିଷୟ ସମୂହ ଶିକ୍ଷାତ୍ମକ ଭବନ, ନୂତନ ବିଜ୍ଞାନ ଶିକ୍ଷାତ୍ମକ ଭବନ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସବୁ ପ୍ରକଳ୍ପ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ପୂରଣ କରିବା ସହ ବିଶ୍ୱବିଦ୍ୟାଳୟର ପରିଚୟକୁ ଆଗେଇ ନେବାରେ ସହାୟକ ହେବ । ଏହି ସମାବର୍ତ୍ତନ କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ଓ ଅଂଚଳର ବିଧାୟକମାନେ ପ୍ରମୁଖ ଯୋଗଦେଇଥିଲେ।

# ଭଉଣୀ ହାତରୁ ରାଖୀ ବାନ୍ଧିବା ପୂର୍ବରୁ ଚାଲିଗଲା ଭାଇର ଜୀବନ

କଟକ, ୦୯/୦୮ ନ୍ୟୁଜ ବ୍ୟୁରୋ
ରାକ୍ଷୀ ବାନ୍ଧିବାକୁ ଘରକୁ ଯାଉଥିଲେ । ହେଲେ ବାଟରେ ଚାପିଦେଲା ପଥର ବୋଝେଇ ଟ୍ରକ୍ । ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବନ । ମୃତକ ଢେଙ୍କାନାଳ ଜିଲ୍ଲା ବାଲିମି ଅଞ୍ଚଳର ବାମନ ସାହୁଙ୍କ ପୁଅ ରାଜେନ୍ଦ୍ର ନାରାୟଣ ସାହୁ ବୋଲି ଜଣାପଡିଛି। କଟକ ଜିଲ୍ଲା ଆଠଗଡ଼ ଥାନା ବେଣ୍ଟପଦା ପଞ୍ଚାୟତ ଲଞ୍ଚ ଲ୍ୟାଣ୍ଡ ହୋଟେଲ ସମ୍ମୁଖରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ରାଜେନ୍ଦ୍ର ନାରାୟଣ ସାହୁ ରାକ୍ଷୀ ବାନ୍ଧିବାକୁ ଘରକୁ ଯାଉଥିଲେ। ଏହି ସମୟରେ ଲଞ୍ଚ ଲ୍ୟାଣ୍ଡ ହୋଟେଲ ସମ୍ମୁଖରେ ଏକ ପଥର ବୋଝେଇ ଟ୍ରକ୍ ତାଙ୍କୁ ଚାପି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିଲା । ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି । ଏ ସମ୍ପର୍କରେ ଖବର ପାଇ ଆଠଗଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ଟ୍ରକ୍ ମାଲିକଙ୍କୁ ଲୋକେ ଧରି ପୁଲିସ ଜିମା ଦେଇଛନ୍ତି ।

# ନିଆରା ଢଙ୍ଗରେ ରାକ୍ଷୀ ପୂର୍ଣ୍ଣିମା ପାଳିଲେ ସାଂସଦ

**ନୀଳଗିରି, ନ୍ୟୁଜ ବ୍ୟୁରୋ**
ଶନିବାର ପବିତ୍ର ରାକ୍ଷୀ ପୂର୍ଣ୍ଣିମା ପାଇଁ ଉତ୍ସବ ମୁଖର ଗାଁ ଠାରୁ ସହର। ଭାଇକୁ ରାକ୍ଷୀ ବାନ୍ଧି ଶୁଭ ମନାସିବା ସହ ନିଜର ସୁରକ୍ଷା କାମନା କରିଥାନ୍ତି ଭଉଣୀ । ଆଜି ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ଦେବାଳୟରେ ରାକ୍ଷୀ ପୂର୍ଣ୍ଣିମା ରୀତିନୀତିରେ ପାଳନ ହେଉଛି ।ସେହିପରି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଥାନ୍ତି । ଅବହେଳିତ, ନିଷ୍ପେସିତ ପରିବାରଙ୍କୁ ଗୁରୁତ୍ୱ ଦେଇ ସମସ୍ତଙ୍କୁ ରାକ୍ଷୀ ବାନ୍ଧି ମିଠା ଖୁଆଇଥାନ୍ତି । ଆଜି ତାଙ୍କ ବାସଭବନରେ କୁନିକୁନି ଆଦିବାସୀ ପିଲାମାନଙ୍କ ସହିତ ବେଶ୍ କିଛି ସମୟ କଟାଇ ତାଙ୍କୁ ରାକ୍ଷୀ ବାନ୍ଧି ଲଡୁ ଖୁଆଇଛନ୍ତି । ପରେ ଡାକ୍ତରଖାନାରେ ରୋଗୀମାନଙ୍କୁ, ଜେଲରେ ଆନ୍ତେବାସୀଙ୍କ, ଆଦିବାସୀ ଆଶ୍ରମ ସ୍କୁଲ ସହିତ ବଜାରରେ ବୁଲି ରାକ୍ଷୀ ବାଣ୍ଟିବା କାର୍ଯ୍ୟକ୍ରମ ରହିଛି।

ଭୁବନେଶ୍ୱର
୧୦ ଅଗଷ୍ଟ,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ବାଲୁକା ଚିତ୍ରକଳାରେ ରାଖୀର ଶୁଭେଚ୍ଛା ଦେଲେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ




**ପୁରୀ, ୯/୮ ନ୍ୟୁଜ ବ୍ୟୁରୋ**
ଶନିବାର ରକ୍ଷା ବନ୍ଧନ ବା ରାଖୀ ପୂର୍ଣ୍ଣିମା ଅବସରରେ ଭାଇ ହାତରେ ସମ୍ପର୍କର ଡୋରୀ ରାଖୀ ବାନ୍ଧିଛନ୍ତି ଭଉଣୀମାନେ। ଆଉ ଭାଇ ସାରା ଜୀବନ ପାଇଁ ଭଉଣୀକୁ ଦେବ ସୁରକ୍ଷାର ପ୍ରତିଶ୍ରୁତି। ରାଖୀ ପୂର୍ଣ୍ଣିମାକୁ ନେଇ ସମଗ୍ର ଦେଶରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ଏହି ଅବସରରେ ବାଲୁକା କଳାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ପୁରୀ ବେଳାଭୂମିରେ ଏକ ସୁନ୍ଦର ବାଲୁକା ଚିତ୍ରକଳା କରି ପବିତ୍ର ରକ୍ଷା ବନ୍ଧନର ଶୁଭେଚ୍ଛା ଦେଇଛନ୍ତି। ପବିତ୍ର ରକ୍ଷା ବନ୍ଧନ ଉପଲକ୍ଷେ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ବିଶାଳ ରାଖୀ ମାଧ୍ୟମରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି ପ୍ରଖ୍ୟାତ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ସୁଦର୍ଶନ ପୁରୀ ବେଳାଭୂମିରେ ପଦ୍ମଫୁଲ ମଧ୍ୟରେ ମହାପ୍ରଭୁଙ୍କ ମୁଖମଣ୍ଡଳ ଗଢ଼ି ରାଖୀର ରୂପରେଖ ଦେଇଛନ୍ତି। ଏଥିସହ ପବିତ୍ର ରକ୍ଷା ବନ୍ଧନର ଶୁଭେଚ୍ଛା ଦେବାସହ 'ଜୟ ଜଗନ୍ନାଥ' ବୋଲି ବାଲୁକା କଳାରେ ଲେଖିଛନ୍ତି ସୁଦର୍ଶନ। କେବଳ ଏତିକି ନୁହେଁ ପ୍ରଧାନମନ୍ତ୍ରୀଙ୍କ ଲୋକାଲ୍ ଫର୍ ଭୋକାଲ୍‌ର ବାର୍ତ୍ତା ଦେଇ ସ୍ୱଦେଶୀକୁ ଆପଣାଅ ବୋଲି ସୁଦର୍ଶନ କହିଛନ୍ତି। ରାଖୀ ଅବସରରେ ୬ ଫୁଟ୍ ଉଚ୍ଚତାର ବାଲୁକା କଳା ନିର୍ମାଣ କରିଛନ୍ତି ସୁଦର୍ଶନ। ଯେଉଁଥିରେ ସ୍ୱଦେଶୀ ରାଖୀ ବ୍ୟବହାର ପାଇଁ ସୁଦର୍ଶନ ଏହି ବାଲୁକା ଚିତ୍ରକଳାରେ ବାର୍ତ୍ତା ଦେଇଛନ୍ତି। ତେବେ ସୁଦର୍ଶନଙ୍କ ଦ୍ୱାରା ନିର୍ମିତ ଏହି ସୁନ୍ଦର ଆକର୍ଷଣୀୟ ବାଲୁକାକଳାକୁ ଦେଖିବାକୁ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ରାଖୀ ପିନ୍ଧିଲେ ବଡ଼ ଠାକୁର



**ପୁରୀ, ୯/୮ ନ୍ୟୁଜ ବ୍ୟୁରୋ**
ଶ୍ରାବଣ ପୂର୍ଣ୍ଣମୀ ବା ଗହ୍ମା ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ପାଳିତ ହୋଇଛି ରକ୍ଷାବନ୍ଧନ ଓ ବଳଭଦ୍ର ଜନ୍ମୋତ୍ସବ। ପାଟରା ସେବାୟତଙ୍କ ଦ୍ୱାରା ବାସୁଙ୍ଗା ପାଟରେ ପ୍ରସ୍ତୁତ ହୋଇଥିବା ରାଖୀକୁ ପ୍ରଭୁ ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଇଛି। ପାଟରା ବିଷୋୟୀ ସେବାୟତମାନେ ଦୀର୍ଘ ଏକ ମାସ ନିଷ୍ଠାରେ ରହି ତିଆରି କରିଥିବା ବାସୁଙ୍ଗା ପାଟର ରାଖୀକୁ ମେକାପ ସେବାୟତଙ୍କୁ ଅର୍ପଣ କରିବା ପରେ ମେକାପ ସେବାୟତମାନେ ଏହାକୁ ସିଂହାରୀ ସେବାୟତଙ୍କ ହାତରେ ଦେଇଥିଲେ। ଏହାପରେ ଭଉଣୀ ସୁଭଦ୍ରା ଅତି ସ୍ନେହରେ ଦୁଇଭାଇଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ମଧ୍ୟାହ୍ନଧୂପ ପରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବା ପରେ ଦୁଇ ଭାଇଙ୍କୁ ରାଖୀ ବାନ୍ଧିଛନ୍ତି ଭଉଣୀ ସୁଭଦ୍ରା। ଶନିବାର ହେଉଛି ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଭାଇ ଭଉଣୀର ପବିତ୍ର ସମ୍ପର୍କର ନିଦର୍ଶନ ସ୍ୱରୁପ ପାଟରା ବିଶୋୟୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ରାଖୀ ଓ ଗୁଆମାଳକୁ ମହାପ୍ରଭୁଙ୍କୁ ସିଂହାରୀ ସେବକମାନେ ଲାଗି କରାଇଥିଲେ। ପାଟରା ବିଶୋୟୀ ସେବାୟତଙ୍କ ଘରୁ ପ୍ରସ୍ତୁତ ରାଖୀ ଶ୍ରୀମନ୍ଦିରକୁ ବିଜେ ହେବା ସହ ଗାରଦ ଘରେ ଦାଖଲ ହୋଇଥିଲା। ସେହିପରି ଶନିବାର ପ୍ରଭୁ ସୁଦର୍ଶନ ଚାରି ଆଶ୍ରମକୁ ବିଜେ କରିବାକୁ ଥିବାବେଳେ ମାର୍କଣ୍ଡ ପୁଷ୍କରିଣୀ ଠାରେ ବଳଭଦ୍ରଙ୍କ ଜନ୍ମନୀତି ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ସ୍ୱତନ୍ତ୍ର ନୀତି ଭୋଗମଣ୍ଡପ ପରେ ଦଇତାପତି ସେବାୟତମାନେ ସୁଦର୍ଶନଙ୍କୁ ଚଉଦଳରେ ବିଜେ କରାଇ ନୀତି ସମାପନ କରିଛନ୍ତି। ଦ୍ୱିପହର ଧୂପ ପରେ ମଙ୍ଗଳାର୍ପଣ କରାଯାଇ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବା ସହ ଚକ୍ରରାଜ ସୁଦର୍ଶନ ବିମାନରେ ମାର୍କଣ୍ଡ ପୁଷ୍କରଣୀକୁ ବିଜେ କରିଥିଲେ।






ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ନିମନ୍ତେ ଜୟପୁର ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ଇ-କେୱାଇସି ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ



**କଟକ, ୦୯/୦୮ ନ୍ୟୁଜ ବ୍ୟୁରୋ**
କୌଣସି ଯୋଗ୍ୟ ହିତାଧିକାରୀ ଯେପରି ସାଧାରଣ ବଣ୍ଟନ ବ୍ୟବସ୍ଥା ସୁବିଧାରୁ ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଇ-କେୱାଇସି ଅପଲୋଡ୍ କରିବାର ଜ୍ଞାନ ଓ ବ୍ୟବସ୍ଥା ପ୍ରସଙ୍ଗରେ ଜାଣି ନଥିବା ହିତାଧିକାରୀଙ୍କୁ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଣ ସରକାର ବନ୍ଦ କରିଦେବାର ଆଶଙ୍କା ରହିଥିବା ଅଭିଯୋଗ ସଂପର୍କିତ ମାମଲାର ହାଇକୋର୍ଟ ଶୁଣାଣି କରି ରାସନ କାର୍ଡଧାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫେୟାର ପ୍ରାଇସ ସପ୍ (ସୁଲଭ ବିକ୍ରୟ କେନ୍ଦ୍ର)ଗୁଡ଼ିକରେ ଆବଶ୍ୟକ ସ୍ଥଳେ ଭିତ୍ତିଭୂମି ବିକାଶ କରାଯିବ, ଯାହା ଦ୍ୱାରା ବୈଷୟିକ ଜ୍ଞାନ ନ ଥିବା ବ୍ୟକ୍ତିବିଶେଷ ଫିଜିକାଲ୍ କପି ବା ହାର୍ଡ କପି ଆଧାରରେ ଇ-କେୱାଇସି ଅପଲୋଡ୍ ସୁବିଧା ପାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହିତ ସାଧାରଣ ବଣ୍ଟନ ବ୍ୟବସ୍ଥାର କାର୍ଡଧାରୀଙ୍କୁ ସଚେତନ କରିବା ଲାଗି ପ୍ରତ୍ୟେକ ଫେୟାର ପ୍ରାଇସ୍ ସପ୍‌ର ଉପଯୁକ୍ତ ସ୍ଥାନରେ ନୋଟିସ୍ ଲଗାଇ ଇ-କେୱାଇସି ଦାଖଲ ପ୍ରସଙ୍ଗରେ ସୂଚନା ଦିଆଯିବ। ସମଗ୍ର ଇ-କେୱାଇସି ପ୍ରକ୍ରିୟା ସଂପୂର୍ଣ୍ଣ କରାଯିବା ପ୍ରସଙ୍ଗରେ ସମୟସୀମା ଧାର୍ଯ୍ୟ କରାଯିବା ଉଚିତ। ଆବଶ୍ୟକତା ଓ ଅପ୍ରତ୍ୟାଶିତ ପରିସ୍ଥିତିରେ ସମୟସୀମା ବୃଦ୍ଧି କରାଯାଇ ପାରିବ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ବିକାଶ ଦାସଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ସମୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଦାଖଲ ତଥ୍ୟରେ ଉଲ୍ଲେଖ କରାଯାଇଥିଲା ଯେ ବିଭାଗ ପକ୍ଷରୁ ସମସ୍ତ ୯୬ ଲକ୍ଷରୁ ଅଧିକ ପରିବାରକୁ ରାସନ ସାମଗ୍ରୀ ପ୍ରଦାନ କରାଯାଉଛି। ଏହା ଦ୍ୱାରା ୩.୨୫ କୋଟି ଲୋକଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ୨୦୨୫, ଅଗଷ୍ଟ ମାସ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ବିତରଣ ପାଇଁ ବ୍ୟବସ୍ଥା କରାଯାଇଛି। ସେପ୍ଟେମ୍ବର ଓ ଅକ୍ଟୋବର ମାସ ପାଇଁ ଏହି ପ୍ରକ୍ରିୟା ଅଗଷ୍ଟ ୧ରୁ ଆଗୁଆ ଆରମ୍ଭ ହୋଇଛି। ଆଧାର ଆଧାରିତ ଇ-କେୱାଇସି ଦାଖଲ କରି ନଥିବା ୨୦.୫୮ ଲକ୍ଷ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ବଣ୍ଟନ ବନ୍ଦ କରାଯାଇ ନାହିଁ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା।

# ଆଗାମୀ ୪ ବର୍ଷରେ ସମସ୍ତ ଭୂମିହୀନଙ୍କୁ ୪ ଡିସିମିଲ ଜାଗା ଯୋଗାଇଦେବେ ସରକାର : ରାଜସ୍ୱମନ୍ତ୍ରୀ

**କଟକ, ୮/୮ ନ୍ୟୁଜ ବ୍ୟୁରୋ**
ଜମି ପଟ୍ଟା କେବଳ ଖଣ୍ଡିଏ କାଗଜ ନୁହେଁ, ଏହା ହେଉଛି ଏପରି ଏକ ଦଲିଲ ଯାହା ଭବିଷ୍ୟତକୁ ସୁରକ୍ଷିତ କରେ, ମାଲିକାନା ସ୍ପଷ୍ଟ କରେ ଏବଂ ପ୍ରଗତି ପାଇଁ ପଥ ପ୍ରଶସ୍ତ କରେ। ଯାହା ପାଖରେ ନିଜର ଜାଗା ଖଣ୍ଡିଏ ଅଛି ତା'ର ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥାଏ। ଆଗାମୀ ୪ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଭୂମିହୀନଙ୍କୁ ଅନ୍ତତଃ ୪ ଡିସିମିଲ ଜାଗା ଯୋଗାଇଦେବାକୁ ସରକାର ଯତ୍ନବାନ ହେବେ। ଏଥିସହ ରାଜ୍ୟର ସମସ୍ତ ଭୂମିହୀନ ସରକାରୀ କିମ୍ବା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ମଧ୍ୟ ନିଜସ୍ୱ ଜମି ପଟ୍ଟା ଯୋଗାଇ ଦିଆଯିବ। କେବଳ ଏତିକି ନୁହେଁ ନଦୀ ବଢ଼ିରେ ଜମି ହରାଇଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ସେମାନଙ୍କ ଜମି ଯୋଗାଇ ଦିଆଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର କଟକ ଇଣ୍ଡୋର ଷ୍ଟାଡିଅମଠାରେ ଭୂମିହୀନ ହିତାଧିକାରୀ ଏବଂ ଭୂମିହୀନ ବିଦ୍ୟାଳୟଗୁଡିକୁ ପଟ୍ଟା ବଣ୍ଟନ କରିବା ଅବସରରେ ଏହା କହିଛନ୍ତି। କଟକ ଜିଲ୍ଲାର ସିକିମ୍, ବେବନ୍ଦୋବସ୍ତ, ବସୁନ୍ଧରା ଓ ଜଙ୍ଗଲ ଜମି ଅଧିକାର ଅଧିନିୟମ ଅନ୍ତର୍ଗତ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଏହି ଜମି ପଟ୍ଟା ବଣ୍ଟନ କରାଯାଇଛି। ସିକିମ୍ ଜମିପାଇଁ ସର୍ବମୋଟ ୮୭୮୯ଟି ପଟ୍ଟା ବିତରଣ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ବେଳେ, ବେବନ୍ଦାବସ୍ତ ଜମି ପାଇଁ ସର୍ବମୋଟ ୬୪୮୦ଟି ପଟ୍ଟା ପ୍ରସ୍ତୁତ କରାଯାଇଛି। ସେହିଭଳି ବସୁନ୍ଧରା ଯୋଜନା ଅଧିନରେ ସର୍ବମୋଟ ୨୨୫ଟି ପଟ୍ଟା ବିତରଣ ନିମନ୍ତେ ପ୍ରସ୍ତୁତ କରାଯାଇଛି ଏବଂ ଭୂମିହୀନ ୧୫ଟି ବିଦ୍ୟାଳୟକୁ ପଟ୍ଟା ଦେବା ନିମନ୍ତେ ଚିହ୍ନଟ କରାଯାଇଛି। ଜଙ୍ଗଲ ଅଧିକାର ଆଇନ୍ ଅନ୍ତର୍ଭୁକ୍ତ ଟାଙ୍ଗୀ ଚୌଦ୍ୱାର, ତିଗିରିଆ ଓ ଆଠଗଡର ୨୦ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ୧୫୦ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଏହି ଅବସରରେ କଟକ ଜିଲ୍ଲାର ନବନିର୍ମିତ ରାଜସ୍ୱ ନିରୀକ୍ଷକ କାର୍ଯାଳୟଗୁଡିକର ଶୁଭ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ଭର୍ଚ୍ୟୁଆଲ ମାଧ୍ୟମରେ ବାରଙ୍ଗ ତହସିଲ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ, କଟକ ସଦର ତହସିଲ ଅନ୍ତର୍ଗତ ବିଶିନାବର ଏବଂ ବାଙ୍କୀ ତହସିଲ ଅନ୍ତର୍ଗତ କଳାପଥର ଓ ବରପୁଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଗୁଡିକର ଶୁଭ ଉଦ୍‌ଘାଟନ କରିଥିଲେ। ଶନିବାର ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାର ୫,୮୭,୧୦୪ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଂଉଟକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ମାଧ୍ୟମରେ ୨୯୩,୫୫,୨୦,୦୦୦ଟଙ୍କା ହସ୍ତାନ୍ତର କରାଯାଇଛି। ଏହି ଅବସରରେ କୋରାପୁଟର ଜୟପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଉପସ୍ଥିତ ମନ୍ତ୍ରୀ, ବିଧାୟକ, ଅଧିକାରୀ, କର୍ମଚାରୀ ଓ ହିତାଧିକାରୀ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ଏହି ଅବସରରେ ସୁଭଦ୍ରା ହିତାଧିକାରୀମାନେ ସେମାନଙ୍କର ସ୍ୱାବଲମ୍ବୀ ହେବାର ଅନୁଭୂତି ମଧ୍ୟ ବଖାଣିଥିଲେ। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ମହିଳାମାନେ ଆଉ କେବଳ ରୋଷେଇ ଘରେ ସିମୀତ ନ ରହି ସବୁ ସ୍ଥାନରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରିପାରୁଥିବା ବିଷୟ ବର୍ଣ୍ଣନା କରିଥିଲେ। ଏଥିସହ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମର ପ୍ରଶଂସା କରି ଆଗାମୀ ଦିନରେ ସମସ୍ତ ଭୂମିହୀନଙ୍କୁ ପଟ୍ଟା ଯୋଗାଇଦେବା ଉପରେ ଜୋର ଦେଇଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସରକାର ବହୁ ଶ୍ରମ ସ୍ୱୀକାର କରି ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରୁଥିବା ବିଷୟ ଉପସ୍ଥାପନ କରି ସୁଭଦ୍ରା ଯୋଗୁଁ ମହିଳାମାନେ ଆତ୍ମନିର୍ଭଶୀଳ ହୋଇପାରୁଥିବା କହିଥିଲେ। ନିଆଳି ବିଧାୟକ ଛବି ମଲ୍ଲିକ ଅଭିଭାଷଣ ପ୍ରଦାନ କରି ସୁଭଦ୍ରା ମହିଳାମାନଙ୍କ ପାଇଁ ସୁରକ୍ଷା ଓ ସ୍ୱାଭିମାନର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସୁଭଦ୍ରା ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ ଓ ସ୍ୱାବଲମ୍ବୀ କରିବା ନିମନ୍ତେ ମଞ୍ଚ ଯୋଗାଇ ଦେଉଛି ଏବଂ ମହିଳାମନେ ବିଭିନ୍ନ ପ୍ରକାରର ବ୍ୟବସାୟ ଆରମ୍ଭ କରି ଆର୍ଥିକ ସ୍ୱାଧୀନତା ପାଇପାରୁଥିବା ବିଷୟ କହିଛନ୍ତି। ଏଥିସହ ଭୂମିହୀନମାନଙ୍କୁ ଚିହ୍ନଟ କରାଯାଇ ସ୍ଥାୟୀ ଜମି ପଟ୍ଟା ବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟୀ କଲେକ୍ଟର ଜ୍ୟୋତ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ତୁଷାର କାନ୍ତି ଶତପଥୀ ଜିଏସ୍‌ଟି-ଏଟିର ଜୁଡିସିଆଲ୍ ସଭ୍ୟ ହେଲେ



**କଟକ, ୯/୮ ନ୍ୟୁଜ ବ୍ୟୁରୋ**
ଓଡ଼ିଶା ହାଇକୋର୍ଟର ଅଧିବକ୍ତା ତୁଷାର କାନ୍ତି ଶତପଥୀ ଜିଏସ୍‌ଟି-ଏଟିର ଜୁଡିସିଆଲ୍ ସଭ୍ୟଭାବେ ରାଷ୍ଟ୍ରପତିଙ୍କ ଦ୍ୱାରା ଅଫିସ୍ ଅର୍ଡର ନଂ-ଜେଏମ୍-୨ /୨୦୨୫, ତାରିଖ -୮/୦୮/୨୦୨୫ ରେ ନିଯୁକ୍ତି ପାଇଛନ୍ତି। ଶ୍ରୀ ଶତପଥୀ କଟକ ସାମନ୍ତ ସାହିର ବାସିନ୍ଦା ଅଟନ୍ତି। ସେ ରାଣୀହାଟ ହାଇସ୍କୁଲର ପ୍ରତିଷ୍ଠାତା ଓ ପ୍ରଥମ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବାଞ୍ଛାନିଧି ଶତପଥୀଙ୍କ ପୌତ୍ର ଏବଂ ଅଜିତ କୁମାର ଓ ବିନୋଦିନୀ ଶତପଥୀଙ୍କ ସୁପୁତ୍ର ଅଟନ୍ତି। ଶ୍ରୀ ଶତପଥୀଙ୍କ ନିଯୁକ୍ତିକୁ ସବୁମହଲରେ ସ୍ୱାଗତ କରାଯାଇଛି। ଶ୍ରୀ ଶତପଥୀ ପ୍ରତ୍ୟକ୍ଷ କର ଓ ପରୋକ୍ଷ କର, ସମ୍ବିଧାନ ଏବଂ ଶିକ୍ଷା ଆଇନ୍‌ର ବିଶାରଦ ଭାବେ ବେଶ୍ ପରିଚିତ।

# ପ୍ରଥମ କରି ଗସ୍ତରେ ଆସି କୋଟିଆର ବିକାଶ ଚିନ୍ତା କଲେ ଉପମୁଖ୍ୟମନ୍ତ୍ରୀ

**କୋରାପୁଟ, ନ୍ୟୁଜ**
ପ୍ରଥମ ଥର ପାଇଁ କୋଟିଆ ଗସ୍ତ କରି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଲୋକଙ୍କ ସହିତ ମିଶିଲେ, କଥାହେଲେ ଆଉ କୋଟିଆର ବିକାଶ କଥା ଚିନ୍ତା କଲେ। କୋଟିଆରେ ଉପ ମୁଖ୍ୟମନ୍ତ୍ରୀ ସହିତ ଅନ୍ୟ ଦୁଇ ମନ୍ତ୍ରୀ ଏବଂ କୋରାପୁଟ, କୋଟପାଡ଼ ବିଧାୟକଙ୍କୁ ସ୍ଥାନୀୟ ଲୋକେ ବିପୁଳ ସ୍ୱାଗତ କରିଥିଲେ। ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଢେମସା ମାଧ୍ୟମରେ ସେମାନଙ୍କୁ ସ୍ୱାଗତ କରା ଯାଇଥିଲା। ଯୁବତୀମାନଙ୍କ ନୃତ୍ୟ ଦେଖି ଅତିଥିମାନେ ମଧ୍ୟ ନୃତ୍ୟ ରେ ସାମିଲ ହୋଇଥିଲେ। କୋଟିଆ ଠାରେ ନିର୍ମିତ ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରକୁ ଉପ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଲକ୍ଷ ପତି ଏସ ଏଚ ଜି ମହିଳାମାନଙ୍କ କାର୍ଯ୍ୟ ଶୈଳୀ ଦେଖି ଖୁସି ବ୍ୟକ୍ତ କରିଥିଲେ। ଦୁଇ ଟି ଏସଏଚଜିକୁ ୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ମହିଳା ଉପମୁଖ୍ୟମନ୍ତ୍ରୀଙ୍କ ଠାରୁ ଗ୍ରୁପ ପାଇଁ ଅର୍ଥ ପାଇଥିବାରୁ ସରକାରଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ଏବଂ ଆଗକୁ ସେମାନେ ଆହୁରି ଉନ୍ନତି କରିବାର ପ୍ରୟାସ କରିବେ ବୋଲି କହିଛନ୍ତି। ମୋଟ ୯୮୦ ପୋଟେନ୍ସିଆଲ ଲକ୍ଷପତି ଦିଦିଙ୍କ ମଧ୍ୟରୁ ୮୮୦ ବର୍ତ୍ତମାନ ସୁଦ୍ଧା ଲକ୍ଷାପତି ଦିଦି ହୋଇ ସାରିଲେଣି। ସୁଭଦ୍ରା ଯୋଜନାରେ ପାଇଥିବା ଅର୍ଥର ସଦୁପଯୋଗ କରି ଜୀବନ ଶୈଳୀରେ ପରିବର୍ତ୍ତନ ଆଣି ପାରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ଏସଏଚଜି ମହିଳାମାନଙ୍କ କାର୍ଯ୍ୟ ଦେଖିଥିଲେ। ସେମାନଙ୍କ ସହ କଥା ହୋଇଥିଲେ। ଉପ ମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟ ଦୁଇ ମନ୍ତ୍ରୀ ଏବଂ ବିଧାୟକ ମାନଙ୍କ ଗସ୍ତ ପରେ କୋଟିଆର ଲୋକେ ଓଡ଼ିଶା ପ୍ରତି ଆକର୍ଷିତ ହେବେ ବୋଲି ଆଶା କରାଯାଉଛି।

# ୪ଟି ହାତୀ ଦାନ୍ତ ଜବତ : ୫ ଗିରଫ

**କେନ୍ଦୁଝର, ୮/୮ ନ୍ୟୁଜ ବ୍ୟୁରୋ**
କେନ୍ଦୁଝର ବନ ବିଭାଗକୁ ଏକ ବଡ ଧରଣର ସଫଳତା ମିଳିଥିବା ନେଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ହାତୀଦାନ୍ତ ଡିଲ୍ ସମୟରେ ୪ଟି ହାତୀ ଦାନ୍ତ, ୪ଟି ମୋବାଇଲ ଓ ୨ଟି ମୋଟର ସାଇକେଲ ଜବତ କରିବା ସହ ୫ଜଣଙ୍କୁ କେନ୍ଦୁଝର ବନ ବିଭାଗ ଗିରଫ କରିଛି। ବେଆଇନ୍ ଭାବେ ହାତୀଦାନ୍ତ ରଖି ବିକ୍ରୀ କରିବାକୁ ଉଦ୍ୟମ କରୁଥିବା ବେଳେ ୫ଜଣଙ୍କୁ ମାଡି ବସିଲା କେନ୍ଦୁଝର ବନ ବିଭାଗର ସ୍ୱତନ୍ତ୍ର ଟିମ୍। ଏହି ୪ଟି ହାତୀ ଦାନ୍ତର ସର୍ବମୋଟ ଓଜନ ୫.୦୫୮ କିଲୋଗ୍ରାମ୍ ରହିଛି। କିଛି ତସ୍କର ହାତୀଦାନ୍ତ ବିକ୍ରୀ କରିବାକୁ ଉଦ୍ୟମ କରୁଥିବା ନେଇ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ବାଂଶପାଳ ବ୍ଲକ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ବାଲିବେଡ଼ା ଗ୍ରାମରେ ଚଢ଼ଉ କରିଥିଲା ବନ ବିଭାଗ। ବାଲିବେଡ଼ା ଗ୍ରାମର ଗଙ୍ଗାଧର ପାତ୍ରଙ୍କ ଘରେ ୫ ଜଣ ଲୋକ ୪ଟି ହାତୀଦାନ୍ତ ରଖିଥିବା ଜଣାପଡ଼ିଥିଲା।

# କେନ୍ଦ୍ରୀୟ ମ୍ୟାଲେରିଆ ପରୀକ୍ଷାଗାରରେ ଅବ୍ୟବସ୍ଥା : ବଢୁଛି ମ୍ୟାଲେରିଆ, ନାହାନ୍ତି ଏମ୍‌ଏଲ୍‌ଟି

**ଭୁବନେଶ୍ୱର, ୯।୮ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ମ୍ୟାଲେରିଆ ସଂଖ୍ୟା କ୍ରମାଗତ ଭାବେ ବଢୁଛନ୍ତି। ମାଲକାନଗିରି, ରାୟଗଡ଼ା, କନ୍ଧମାଳ, କୋରାପୁଟ ଭଳି ଜିଲ୍ଲାରେ ମ୍ୟାଲେରିଆ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଭୁବନେଶ୍ୱରରେ ମଧ୍ୟ ରୋଗୀ ବାହାରିଲେଣି। ଏଭଳି ସ୍ଥିତିରେ ମ୍ୟାଲେରିଆ ମୁକାବିଲା ପାଇଁ ରାଜ୍ୟ ସରକାର ସବୁ କ୍ଷେତ୍ରରେ ପ୍ରସ୍ତୁତ ଥିବା କହୁଛନ୍ତି। ହେଲେ ରାଜଧାନୀ ଭୁବନେଶ୍ୱରରେ ଥିବା କେନ୍ଦ୍ରୀୟ ମ୍ୟାଲେରିଆ ପରୀକ୍ଷାଗାର (ଭେକ୍ଟର ବାହିତ ରୋଗ)ରେ କର୍ମଚାରୀ (ମ୍ୟାଲେରିଆ ଲାବୋରେଟୋରୀ ଟେକ୍ନିସିଆନ୍)ଙ୍କ ଅଭାବ ଦେଖାଦେଇଛି। ଏହି ପରୀକ୍ଷାଗାରରେ ଯେଉଁଠି ୧୩ କର୍ମଚାରୀ ରହିବା ଆବଶ୍ୟକ ସେଠାରେ ଅଛନ୍ତି ମାତ୍ର ୨ଜଣ। ୯୫ ପ୍ରତିଶତ କର୍ମଚାରୀ ନଥିବାରୁ ମ୍ୟାଲେରିଆ ସହ ଫାଇଲେରିଆ ପରୀକ୍ଷାରେ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ୟୁନିଟ-୩ ରାମମନ୍ଦିର ସମ୍ମୁଖରେ ଏହି ପରୀକ୍ଷାଗାର ଥିଲା। କିଛିବର୍ଷ ପୂର୍ବେ କ୍ୟାପିଟାଲ ହସ୍ପିଟାଲ ନୂଆ ପିଜିଆଇଏମଇଆର ପାଖକୁ ପରୀକ୍ଷାଗାରଟି ସ୍ଥାନାନ୍ତର ହୋଇଛି। ରାଜ୍ୟରେ ଥିବା ୩୦ ଜିଲ୍ଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପରୀକ୍ଷାଗାର କାମ କରୁଛି। ଯେଉଁଠି ଜାତୀୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁସାରେ ମଶାଙ୍କ ଦ୍ୱାରା ବ୍ୟାପୁଥିବା ମ୍ୟାଲେରିଆ ଓ ଫାଇଲେରିଆ ରୋଗୀଙ୍କ ନମୁନା ଆଣି ପରୀକ୍ଷା କରାଯାଏ। ନିୟମ ଅନୁସାରେ, ପ୍ରଥମେ ଜିଲ୍ଲାସ୍ତରରେ ନମୁନା ସଂଗ୍ରହ କରାଯାଇ ସଂପୃକ୍ତ ଜିଲ୍ଲାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚସି), ଉପଖଣ୍ଡସ୍ତରୀୟ ହସ୍ପିଟାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)କୁ ଅଣାଯାଏ। ସେଠାରେ ଥିବା ପରୀକ୍ଷାଗାରରେ ସଂଗୃହିତ ନମୁନା ପରୀକ୍ଷା କରାଯାଇଥାଏ। ହେଲେ ସେତିକି ଯଥେଷ୍ଟ ନୁହେଁ, ନମୁନାର ଚୂଡାନ୍ତ ପରୀକ୍ଷା ପାଇଁ ପରବର୍ତ୍ତୀ ସମୟରେ ତାକୁ ଏହି କେନ୍ଦ୍ରୀୟ ମ୍ୟାଲେରିଆ ପରୀକ୍ଷାଗାରକୁ ପଠାଯାଏ। ଏଠାରେ ପୁଣି ଥରେ ରୋଗୀଙ୍କ ସ୍ୱାବ୍‌ର ଚୂଡ଼ାନ୍ତ ପରୀକ୍ଷା କରାଯାଏ। ଉକ୍ତ ରିପୋର୍ଟକୁ ଦିଲ୍ଲୀରେ ଥିବା ଭେକ୍ଟର ବାହିତ ରୋଗ କାର୍ଯ୍ୟାଳୟ (ଭିବିଡି)କୁ ପଠାଯାଏ। କିନ୍ତୁ, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗାରରେ ୧୩ଜଣଙ୍କ ସ୍ଥାନରେ ମାତ୍ର ୨ଜଣ ଏମ୍‌ଏଲ୍‌ଟି କର୍ମଚାରୀ ଅଛନ୍ତି। ଅଫିସ ସଫା ରଖିବା ପାଇଁ ଜଣେ ଅସ୍ଥାୟୀ ସଫେଇ କର୍ମଚାରୀ ବି ରହିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଏମଏଲଟି ନମୁନା ପରୀକ୍ଷା କରିବା ସହ ଅଫିସ ଇନଚାର୍ଜ ଦାୟିତ୍ୱ ସମ୍ଭାଳୁଛନ୍ତି। ଖାତା କାମ ଓ ରିପୋର୍ଟ ପ୍ରସ୍ତୁତ କରୁ କରୁ ସେ ଆଉ ନମୁନା ପରୀକ୍ଷା ପାଇଁ ସମୟ ପାଉନାହାନ୍ତି। ଆଉ ଜଣେ ବରିଷ୍ଠ କର୍ମଚାରୀ ପ୍ରତି ୧୫ଦିନରେ ମ୍ୟାଲେରିଆ ଓ ଫାଇଲେରିଆ ନମୁନା ପରୀକ୍ଷା କରୁଛନ୍ତି। ତେଣୁ ସମସ୍ୟା ସୃଷ୍ଟି ହେଉଛି। ୩୦ଟି ଜିଲ୍ଲାରୁ ଦୈନିକ ୧ହଜାର ପାଖାପାଖି ନମୁନା ସଂଗ୍ରହ କରାଯାଏ। ସେଥିରୁ ସନ୍ଦିଗ୍ଧ ନମୁନାକୁ ଏହି ପରୀକ୍ଷାଗାରକୁ ଅଣାଯାଏ। ପ୍ରତିଦିନ ଏଠାରେ ୬୦ରୁ ୭୦ଟି ନମୁନା ପରୀକ୍ଷା ହେବା କଥା, ମାତ୍ର ଏମଏଲଟି ଅଭାବରୁ ୧୦ରୁ ୧୫ଟି ନମୁନା ପରୀକ୍ଷା ହୋଇପାରୁଛି। କେବଳ ସେତିକି ନୁହେଁ, ମ୍ୟାଲେରିଆ ବୋର୍ଡ ମଧ୍ୟ ଅପଡେଟ୍ ହୋଇପାରୁନି। ଦୈନିକ କେତେ ରୋଗୀ ବାହାରୁଛନ୍ତି ସେସବୁ ମାନୁଆଲ ବୋର୍ଡରେ ଉଲ୍ଲେଖ ହେବା କଥା, ହେଲେ କର୍ମଚାରୀ ନଥିବାରୁ ସେହି କାମ ଠପ୍। ବର୍ଷେ କି ଦୁଇବର୍ଷ ନୁହେଁ, ୨୦୧୬ ମସିହାରୁ ଏଭଳି ସ୍ଥିତି ଲାଗିରହିଛି। ଜଣଙ୍କ ପରେ ଜଣେ କର୍ମଚାରୀ ଅବସର ନେଉଛନ୍ତି। ହେଲେ ନିଯୁକ୍ତି ଶୂନ୍ୟ। ମାଇକ୍ରୋସ୍କୋପ୍ କେବଳ ଖୋଳ ଭିତରେ ରହିଥିବା ବେଳେ ତାହା କାମରେ ଆସିପାରୁନି ବୋଲି ଜଣେ ବରିଷ୍ଠ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି।



# ଇଡି ଆଇନ ପରିସରରେ ରହିବାକୁ ହେବ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୯।୮**
ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ 'ଗୁଣ୍ଡା' ଭଳି କାର୍ଯ୍ୟ କରିପାରିବ ନାହିଁ। ଏହାକୁ ଆଇନର ପରିସର ମଧ୍ୟରେ କାମ କରିବାକୁ ପଡିବ। ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ ଅନୁଯାୟୀ ମାମଲାଗୁଡ଼ିକରେ ଦଣ୍ଡବିଧାନ ହାର କମ ଥିବା ନେଇ ସୁପ୍ରିମକୋର୍ଟର ବିଚାରପତି ଉଜ୍ଜଲ ଭୂୟାଁ ଏହା କହିଛନ୍ତି। ପିଏମ୍‌ଏଲ୍‌ଏ ମାମଲାରେ ଦଣ୍ଡବିଧାନ ହାର ୧୦%ରୁ କମ୍ ଥିବା ଦର୍ଶାଇ ଜଷ୍ଟିସ ଭୂୟାଁ କହିଛନ୍ତି, କୋର୍ଟ କେବଳ ଲୋକଙ୍କ ସ୍ୱାଧୀନତା ପାଇଁ ନୁହେଁ ବରଂ ଇଡିରପ୍ରତିଛବି ବିଷୟରେ ମଧ୍ୟ ଚିନ୍ତିତ। ଖଣ୍ଡପୀଠ ବିଜୟ ମଦନଲାଲ ଚୌଧୁରୀ ମାମଲାରେ ୨୦୨୨ ମସିହାର ରାୟ ବିରୁଦ୍ଧରେ ହୋଇଥିବା ପୁନଃ ବିଚାର ଆବେଦନଗୁଡ଼ିକର ଶୁଣାଣି କରି ଏହା କହିଛନ୍ତି। ଶୁଣାଣି ସମୟରେ, ଆଡିସନାଲ ସଲିସିଟର ଜେନେରାଲ ଏସଭି ରାଜୁ କହିଥିଲେ, ଅଭିଯୁକ୍ତଙ୍କୁ ଇସିଆଇଆର୍ କପି ପ୍ରଦାନ କରିବା ପାଇଁ କୌଣସି ବାଧ୍ୟତାମୂଳକ ନୁହେଁ। ଏଏସ୍‌ଜି ଆହୁରି କହିଥିଲେ ଯେ ମୁଖ୍ୟ, ଅଭିଯୁକ୍ତ କେମ୍ୟାନ୍ ଦ୍ୱୀପପୁଞ୍ଜ ଭଳି ସ୍ଥାନକୁ ପଳାଇଯିବା ପରେ ତଦନ୍ତକାରୀମାନେ ଯାଞ୍ଚ କରିବାରେ ଅକ୍ଷମ। ଏହାର ଉତ୍ତରରେ ଜଷ୍ଟିସ୍ ଭୂୟାଁ କହିଥିଲେ, ଆପଣ ଜଣେ ଗୁଣ୍ଡା ବଦମାସ ଭଳି କାମ କରିପାରିବ ନାହିଁ, ଆଇନର ୪ କୋଣ ମଧ୍ୟରେ କାମ କରିବାକୁ ପଡିବ। ମୁଁ ଏକ କୋର୍ଟ କାର୍ଯ୍ୟରେ ଦେଖିଛି ଯେ, ଆପଣମାନେ ପ୍ରାୟ ୫୦୦୦ ଇସିଆଇଆର ଦାଖଲ କରିଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ହେବାର ପରିମାଣ ୧୦%ରୁ କମ୍। ତେଣୁ ଆମେ ଜୋର ଦେଉଛୁ ଯେ, ଆପଣ ନିଜର ତଦନ୍ତରେ ସୁଧାର କରନ୍ତୁ। ଆମେ ଲୋକଙ୍କ ସ୍ୱାଧୀନତା ବିଷୟରେ କଥା ହେଉଛୁ। ଆମେ ଇଡିର ପ୍ରତିଛବି ବିଷୟରେ ମଧ୍ୟ ଚିନ୍ତିତ। ଯଦି ଲୋକମାନେ ୫-୬ ବର୍ଷର ନ୍ୟାୟିକ ହାଜତ ଶେଷରେ ନିର୍ଦ୍ଦୋଷ ପାଆନ୍ତି ତେବେ ଏହାର ମୂଲ୍ୟ କିଏ ଦେବ ? ଏଏସ୍‌ଜି କହିଛନ୍ତି ଯେ ପିଏମ୍‌ଏଲ୍‌ଏ ମାମଲାରେ ଦୋଷମୁକ୍ତ ହେବାର ସଂଖ୍ୟା ବହୁତ କମ୍। ପିଏମ୍‌ଏଲ୍‌ଏ ମାମଲାର ବିଚାର ଖୁବ୍ ବିଳମ୍ବିତ ହେଉଛି। କାରଣ ପ୍ରଭାବଶାଳୀ ଅଭିଯୁକ୍ତମାନେ ଶୁଣାଣକୁ ବିଳମ୍ବିତ କରିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅନେକ ଓକିଲଙ୍କୁ ନିଯୁକ୍ତି ଦେଇ ଆବେଦନ ପରେ ଆବେଦନ ଦାଖଲ କରୁଛନ୍ତି। ସଂଘ ଆଇନ ଅଧିକାରୀ କହିଛନ୍ତି, ତଦନ୍ତକାରୀମାନେ ମଧ୍ୟ 'ଖୁବ୍ ଅକ୍ଷମ'।

